## ସଂକ୍ଷେପରେ

### ପଞ୍ଚାମୁଣ୍ଡାଇ ବୋଇତ ବନ୍ଦାଣ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



**ପଞ୍ଚାମୁଣ୍ଡାଇ,୧୯।୧୦(ସ୍ୱ.ପ୍ର.) :** ଚଳିତବର୍ଷ ନଭେମ୍ବର ୮ ରେ ପଞ୍ଚାମୁଣ୍ଡାଇ ବୋଇତ ବନ୍ଦାଣ ଉତ୍ସବ ପାଳିତ ହେବ। ଏହି ଉପଲକ୍ଷେ ପଞ୍ଚାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ କଷଣଅଣ୍ଟା ଲକ୍ଷେଶ୍ୱର ମହାଦେବ ମନ୍ଦିରଠାରେ ପଞ୍ଚାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ-୨୦୨୨ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଗୋପୀବଲ୍ଲଭ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇଥିଲେ। ସେ କହିଥିଲେ ୨ବର୍ଷ ହେବ କରୋନା ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମ ବୋଇତ ବନ୍ଦାଣ ଉତ୍ସବ ପ୍ରଭାବିତ ହୋଇଥିଲା। ଚଳିତବର୍ଷ ଆକର୍ଷଣୀୟ ଢଙ୍ଗରେ ପାଳନ କରିବାକୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପଞ୍ଚାମୁଣ୍ଡାଇ କଳା ସଂସ୍କୃତି ଓ ଗୌରବମୟ ପରମ୍ପରାକୁ ଆଗେଇ ନେବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମ୍ପାଦକ ଗୋପୀନାଥ ଦାସ ବାର୍ଷିକ ବିବରଣୀ ପାଠ କରି ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ପଞ୍ଚାମୁଣ୍ଡାଇ ପୌର ଅଧକ୍ଷ ହେମନ୍ତ ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, କାଉନସିଲର ପ୍ରଶାନ୍ତ ବାରିକ, ସୁଧାମୟ ମଲିକ, ମଧୁସ୍ମିତା ମଲିକ ଓ ମଳୟ ଓଝା, ରାଜକୁମାର ବିଶ୍ୱାଳ, ପ୍ରମୋଦ ନାୟକ ଓ ବିଜୟ କୁମାର ସାହୁ, ମନୋଜ ପରିଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବରୋଦା ବ୍ୟାଙ୍କ ପରିଚାଳକ ସୁଦର୍ଶନ ଶେଖର ଦାସ, ବିଦ୍ୟୁତ ବିଭାଗର ଆଶିଷ ମିଶ୍ର, ସ୍ୱାସ୍ଥ୍ୟ ବିଭାଗର ଶୁଭରନ୍ ଖୁଣ୍ଟିଆ, ଅଗ୍ନିଶମ ବିଭାଗର ରାମକୃଷ୍ଣ ପଣ୍ଡା ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ। ଶେଷରେ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ।

### ସ୍ମୃତି ସାଉଁଟିଲେ କନିକା ହାଇସ୍କୁଲ ଛାତ୍ରୀଛାତ୍ର

**ରାଜକନିକା,୧୯।୧୦(ଡି.ଏନ.ଏ.):** ରାଜକନିକା ବ୍ଲକ ଅନ୍ତର୍ଗତ କନିକା ହାଇସ୍କୁଲ, ଆୟତନର ୧୯୮୮ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଆର୍ତ୍ତତ୍ରାଣ ରାଉତ ଏବଂ ଛାତ୍ରୀ ସ୍ନେହଲତା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଦୀର୍ଘ ୩୪ ବର୍ଷ ପରେ ହାଇସ୍କୁଲ ସମୟର ସ୍ମୃତି ଅନୁଭୂତି ମନେ ପକାଯାଇଥିଲା। ପତିତପାବନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କନିକା ହାଇସ୍କୁଲର ପୁରାତନ ଶିକ୍ଷକ ରମେଶ ଚନ୍ଦ୍ର ପରିଜା, ଭଜକିଶୋର ସାହୁ, ଅକ୍ଷୟ କୁମାର ଦାସ, ପତିତ ପାବନ ସାହୁ, ରଘୁନାଥ ରାଉତ, ହଳଧର ମଲ୍ଲିକ ଏବଂ ରବିନାରାୟଣ ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ଗୀତା ଏବଂ କଲମ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଦିବଂଗତ ଶିକ୍ଷକମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ନୀରବ ପ୍ରାର୍ଥନା କରାଯାଇଥିଲା। ଅନନ୍ୟା ସାହୁ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ପୁରାତନ ଛାତ୍ର ମୀନକେତନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଗୋକେ ଧଳ, ରମେଶ ପଣ୍ଡା, ହିମାଂଶୁ ଶେଖର ମହାନ୍ତି, ବୁଦ୍ଧିରାମ ରାଉତ, ପୁଷ୍ପଲତା ସାହୁ, ମନୋରମା ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ୮୪ ଜଣ ପୁରାତନ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ଓହରିଲେ ୨ ୟୁନିୟନ, ୧ ନାକଚ

**ପାରାଦୀପ ବନ୍ଦର ଲେବର ଟ୍ରଷ୍ଟି ନିର୍ବାଚନ**
- ପୋର୍ଟ ମଜଦୁର ସଂଘ ପ୍ରମୁଖ ଦାବିଦାର ଥିଲା
- ୧୧ ୟୁନିୟନ ପ୍ରାର୍ଥିପତ୍ର ଦାଖଲ କରିଥିଲେ
- ୩୯୨ କର୍ମଚାରୀ ଗୁପ୍ତ ବାଲଟ ଯୋଗେ ଭୋଟ ଦେବେ

**ପାରାଦୀପ, ୧୯।୧୦(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଲେବର ଟ୍ରଷ୍ଟି (ପରିବର୍ତ୍ତିତ ନାମ-ବୋର୍ଡ ଅଫ ମେମ୍ବର) ନିର୍ବାଚନରେ ଚଳିତଥର କେତେକ ଚର୍ଚ୍ଚିତ ଘଟଣା ଘଟିଛି। ଅର୍ଥାତ ପ୍ରମୁଖ ଦାବିଦାର ଦୌଡରେ ଥିବା ଭାଜପା ସମର୍ଥିତ ୟୁନିୟନ ପାରାଦୀପ ପୋର୍ଟ ମଜଦୁର ସଂଘ ପ୍ରାର୍ଥିପତ୍ର ଯାଞ୍ଚ ସମୟରେ ନିର୍ବାଚନରୁ ବାଦ ପଡିଛନ୍ତି। ୟୁନିୟନର ଅରିଜିନାଲ ଡକ୍ୟୁମେଣ୍ଟ ଠିକ୍ ନ ଥିବା ଦର୍ଶାଇ ମଙ୍ଗଳବାର କେନ୍ଦ୍ର ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ପକ୍ଷରୁ ତାହାକୁ ବାତିଲ କରିଦିଆଯାଇଛି। ନାମାଙ୍କନପତ୍ର ଯାଞ୍ଚ ପରେ ୧୦ ୟୁନିୟନ ଯୋଗ୍ୟତା ପର୍ଯ୍ୟାୟରେ ଥିଲେ। ବୁଧବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିବସରେ ଦୁଇଟି ୟୁନିୟନ ନିର୍ବାଚନରୁ ଓହରି ଯାଇଛନ୍ତି। ସେମାନେ ହେଲେ ପାରାଦୀପ ଡକ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ଓ ପାରାଦୀପ ପୋର୍ଟ ଡକ୍ ଲେବର ୟୁନିୟନ। ଏହି ପ୍ରତ୍ୟାହାର ପରେ ଚୂଡାନ୍ତ ତାଲିକାରେ ୮ଟି ୟୁନିୟନ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଏକ ପ୍ରକାର ସ୍ଥିର ହୋଇଛି। ଶ୍ରମ ବିଭାଗ ପକ୍ଷରୁ ଗୁରୁବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ ବୋଲି ଶ୍ରମ ପ୍ରବର୍ତ୍ତନ ଅଧିକାରୀ ରଶ୍ମିତା ସାହୁ କହିଛନ୍ତି। ଆସନ୍ତା ୨୮ରେ ପାରାଦୀପ ପୋର୍ଟରେ ୩୯୨ ଜଣ କର୍ମଚାରୀ ଗୁପ୍ତ ବାଲଟ ଯୋଗେ ଭୋଟ ଦେବେ। ସେଥିରୁ ସର୍ବାଧିକ ଦୁଇଟି ଭୋଟ ପାଇଥିବା ୟୁନିୟନ ତାର ସଦସ୍ୟ ଟ୍ରଷ୍ଟ ବୋର୍ଡକୁ ପଠାଇବ। ସମୁଦାୟ ୧୩ ପଞ୍ଜିକୃତ ୟୁନିୟନ ମଧ୍ୟରୁ ୧୧ ୟୁନିୟନ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେଥିରୁ ଗୋଟିଏ ନାକଚ ଓ ଦୁଇଟି ପ୍ରତ୍ୟାହାର ହୋଇଯାଇଛି। ପ୍ରାର୍ଥିପତ୍ର ଯାଞ୍ଚ ସମୟରେ ଯେଉଁ ପ୍ରମୁଖ ଦାବିଦାର ୟୁନିୟନ କଟିଯାଇଛି, ତାକୁ ନେଇ ଚର୍ଚ୍ଚା ହେଉଛି। କାରଣ ଉକ୍ତ ୟୁନିୟନକୁ ଭାଜପା ସମର୍ଥନ କରୁଥିଲା। ଏହାର ଟ୍ରଷ୍ଟି ଦାବିଦାର ଭାବେ ପରେଶ ମୁର୍ମୁ ଥିଲେ। ପରେଶ ପୂର୍ବରୁ ଥରେ ଟ୍ରଷ୍ଟି ଭାବେ ନିର୍ବାଚିତ ହୋଇ ଦୁଇବର୍ଷ କାର୍ଯ୍ୟ କରିଥିଲେ। ତେବେ ଯେଉଁ କାରଣ ଦର୍ଶାଇ ପ୍ରାର୍ଥିପତ୍ର ନାକଚ ହୋଇଥିବା ଦର୍ଶାଯାଇଛି, ବାସ୍ତବରେ ଦଳୀୟ କନ୍ଦଳ ଯୋଗୁ ଏପରି ହୋଇଥିବା ଜଣାପଡ଼ିଛି। କାରଣ ଏହି ୟୁନିୟନ ସଭାପତି ଭାବେ ଥିବା ଜଣେ ଶ୍ରମିକନେତାଙ୍କୁ ଗତ ମାର୍ଚ୍ଚରେ ଏକ ଆପରାଧିକ ଘଟଣାରେ ଜଡ଼ିତ ଥିବା ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେତେବେଳେ ୟୁନିୟନ କର୍ମକର୍ତ୍ତା ବଦଳାଇ ଥିଲା। ଏହି ଅଦଳବଦଳ ସମୟରେ ୟୁନିୟନ ଡକ୍ୟୁମେଣ୍ଟ ପୂର୍ବତନ ସମ୍ପାଦକଙ୍କ ପାଖରେ ରହିଥିଲା। ସମ୍ପୃକ୍ତ ନେତା ଜୁନ୍‌ରେ ଜେଲରୁ ଫେରିବା ପରେ ସେହି ୟୁନିୟନ କାଗଜପତ୍ର ପୁଣି ଥରେ ନବୀକରଣ କରି ଶ୍ରମ ବିଭାଗ ପାଖରେ ଦେଇଥିଲେ। ଏହା ଯାଞ୍ଚ ବେଳେ ଅସ୍ପଷ୍ଟ ରହିଗଲା ବୋଲି ପୂର୍ବତନ ସମ୍ପାଦକ ଅରୁଣ ସ୍ୱାଇଁ କହିଛନ୍ତି।

## ସ୍ତନ କର୍କଟ ସଚେତନତା ଶିବିର



କଲେଜରେ ଛାତ୍ରୀମାନଙ୍କୁ ସ୍ତନକର୍କଟ ସଚେତନତା କରାଯାଉଛି।

**ଡେରାବିଶ, ୧୯।୧୦(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ସ୍ତନ କର୍କଟ ସଚେତନତା ଶିବିର ଆୟୋଜନ କରାଯାଇଛି। ସ୍ତନ କର୍କଟ ସଚେତନତା ମାସ ଅବସରରେ ସ୍କୁଲ, କଲେଜ ଛାତ୍ରୀମାନଙ୍କଠାରୁ ଆରମ୍ଭ କରି ପଞ୍ଚାୟତ ସ୍ତରରେ ଶିବିର କରାଯାଉଛି। ଏଥିରେ ହସ୍ପିଟାଲର କର୍କଟ ରୋଗ ବିଶେଷଜ୍ଞ ଡା. ସୌମ୍ୟରଞ୍ଜନ ମିଶ୍ର ଓ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ଡା. ସୁଲଗ୍ନା ମହାନ୍ତି ସ୍ତନ କର୍କଟ ରୋଗ ବିଷୟରେ ବିଭିନ୍ନ ବର୍ଗର ମହିଳାମାନଙ୍କୁ ବୁଝାଇଥିଲେ। ରାଜ୍ୟ ତଥା ଦେଶରେ ସ୍ତନ କର୍କଟ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଛି। ଏହାର ଚିକିତ୍ସା ଅପେକ୍ଷା ସଚେତନତାର ଅଧିକ ଆବଶ୍ୟକତା ରହିଛି। ତେବେ ମହିଳାମାନେ ଲୋକଲଜ୍ଜା ପାଇଁ ଏହି ସମସ୍ୟା ବାବଦରେ କାହାକୁ କହିବାକୁ ଆଗକୁ ଆସୁନାହାନ୍ତି । ତେଣୁ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସହ ରାଜ୍ୟରେ ଉପଲବ୍ଧ ରହିଥିବା ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବା ଲକ୍ଷ୍ୟ ଶିବିର ଆୟୋଜନ କରାଯାଇଥିଲା।

ପ୍ରଥମେ ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ କେଶରପୁରସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟ ପରିସରରେ ସ୍କୁଲ ଛାତ୍ରୀମାନଙ୍କୁ ସ୍ତନ କର୍କଟ ରୋଗର କାରଣ ଓ ଏହାର ନିରାକରଣ ବାବଦରେ କୁହାଯାଇଥିଲା। ଏଥିସହ ଘରେ ରହି ନିଜେ ନିଜର ପରୀକ୍ଷା କରାଇ ପାରିବା ନେଇ ଡା. ମିଶ୍ର ଓ ଡା. ମହାନ୍ତି ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସେହିପରି ରତାଦିଆଖଣ୍ଡସାହି ପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମର ମହିଳାମାନଙ୍କୁ, ଗୋପସ୍ଥିତ ତୁଳସୀ ନର୍ସିଂ କଲେଜ, କୋରୁଆସ୍ଥିତ ପଲ୍ଲିଶ୍ରୀ ମହିଳା ସମିତିରେ ମଧ୍ୟ ସଚେତନତା ଶିବିର କରାଯାଇଥିଲା। ଏଥିରେ ଗ୍ରାମର ମହିଳାମାନଙ୍କ ସମେତ କଲେଜ ଛାତ୍ରୀଙ୍କୁ ସ୍ତନ କର୍କଟ ରୋଗ ସମ୍ପର୍କରେ ବୁଝାଯାଇଥିଲା। ସେହିପରି ଓଡ଼ିଶାରେ ମଧ୍ୟ ଅନେକ ସ୍ତନ କର୍କଟ ରୋଗୀ ରହିଥିବା ବେଳେ ସେମାନେ ଭୟଭୀତ ହୋଇ ଡାକ୍ତରଙ୍କ ପରାମର୍ଶ ନେଇ ନ ଥାନ୍ତି। ତେଣୁ ସେହିମାନେ ଆଗକୁ ଆସି ନିଜେ ସୁସ୍ଥ ରହି ପରିବାରର ପରିବେଶକୁ ସୁରକ୍ଷା ଦେବାକୁ ଡାକ୍ତରମାନେ କହିଛନ୍ତି। ଏହାର ଉଦ୍‌ଯାପନ ଉତ୍ସବ ଆସନ୍ତା ୩୦ ତାରିଖରେ ଭୁବନେଶ୍ୱରରେ ଏକ ହୋଟେଲରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସ୍ତନ କର୍କଟ ରୋଗୀମାନଙ୍କ ପାଇଁ ଗାଲାନାଇଟ୍ କାର୍ଯ୍ୟକ୍ରମ କରାଯିବ। ଯେଉଁଥିରେ କର୍କଟ ରୋଗୀମାନଙ୍କ ଲାଗି ଅର୍ଥରାଶି ସଂଗୃହୀତ କରାଯାଇ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି।

## ଅଭିଭାବକଙ୍କ ଅନଶନ ପରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିଲମ୍ବିତ

**ରଘୁନାଥପୁର,୧୯।୧୦(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ କୁଆମଙ୍ଗା ଉପ୍ରା ବିଦ୍ୟାଳୟରୁ ଚୋରାରେ ଅନ୍ୟତ୍ର ବିଦ୍ୟୁତ୍ ସଂଯୋଗ କରାଯିବା ଅଭିଯୋଗ ହୋଇଛି। ଏନେଇ ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟାଳୟରୁ ଏକମାସ ହେବ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଏଥିସହ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣଙ୍କ ଉପରେ ୧ ଲକ୍ଷ ୨୬ ହଜାର ଟଙ୍କା ଜୋରିମାନା ହୋଇଛି। ମାତ୍ର ଏପର୍ଯ୍ୟନ୍ତ ସେ ଜରିମାନା ଦେଇ ନଥିବା ବେଳେ ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ କରିନାହାନ୍ତି। ଏନେଇ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପ୍ରତିବାଦରେ କୁଆମଙ୍ଗା, ଚାନ୍ଦପୁର ଓ ବାଛୁରିଆପଡାର ଅଭିଭାବକମାନେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣା ଦେଇଥିଲେ। ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଧାରଣା ସ୍ଥଳକୁ ଆସି ଧାରଣାକାରୀଙ୍କୁ ବୁଝେଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶେଷରେ ଜରିମାନା ଦେବାରେ ବିଫଳ ତଥା ଦାୟିତ୍ୱକୁ ସୂଚାରୁ ରୂପେ ନିର୍ବାହ କରି ନ ଥିବା ଅଭିଯୋଗରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏହାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ତେବେ ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ଆଇନ ତଥା ସରକାରୀ ବିଧି ବ୍ୟବସ୍ଥା ଅନୁସାରେ କରାଯିବ ବୋଲି ଶିକ୍ଷାଧିକାରୀ ସ୍ୱାଇଁ ପ୍ରକାଶ କରିଛନ୍ତି। ଏହି ଧାରଣାରେ ବଳରାମ ଦଳେଇ, ରତିକାନ୍ତ ମହାପାତ୍ର, ଅନୱାର ବେଗ, ନରେନ୍ଦ୍ର ଦାସ, ବାବୁଲି ଭୋଇ, ଦିଲୀପ ଦାସ, ହରେକୃଷ୍ଣ ବେହେରାଙ୍କ ସହ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ।



ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଭାବକମାନେ ଧାରଣା ଦେଇଛନ୍ତି।

**ବିଦ୍ୟାଳୟରୁ ବିଦ୍ୟୁତ୍ ବିଚ୍ଛିନ୍ନ ଘଟଣା**

## ସ୍କୁଲ୍‌ରେ ପଶି ପିଲାଙ୍କୁ ଆକ୍ରମଣ, ଜଣେ ଗିରଫ

**ବିଞ୍ଝାରପୁର,୧୯।୧୦(ଡି.ଏନ.ଏ)**

ନିଜ ପିଲାଙ୍କୁ କେହି ସାଙ୍ଗସାଥି ଆକ୍ରମଣ କରିଥିବା ଅଭିଯୋଗ କରି ଜଣେ ଅଭିଭାବକ ସ୍କୁଲ୍ କ୍ୟାମ୍ପସରେ ପଶି ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବିଞ୍ଝାରପୁର ଥାନା ଅଧୀନ କଲ୍ୟାଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଘଟିଛି ଏଭଳି ଘଟଣା। ଗିରଫ ଅଭିଯୁକ୍ତ ହେଲେ ଗାଁର ବୁଦ୍ଧିଆ ଜେନା। ସେ ସ୍କୁଲରେ ପଶି ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରିଥିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ପହଞ୍ଚି ବୁଦ୍ଧିଆଙ୍କୁ ଗିରଫ କରିଥିବାବେଳେ ତାଙ୍କର ଅନ୍ୟଜଣେ ସହଯୋଗୀ ଫେରାର ହୋଇଯାଇଛନ୍ତି।

## ଆସାମ କୃଷକ ଉତ୍ପାଦକ ସଙ୍ଗଠନ କାର୍ଯ୍ୟନିର୍ବାହୀଙ୍କ ପ୍ରଶିକ୍ଷଣ ଶେଷ




ଶିବିରରେ ପ୍ରଶିକ୍ଷକଙ୍କ ସହ ପ୍ରଶିକ୍ଷାର୍ଥୀମାନେ।

**ରଘୁନାଥପୁର, ୧୯।୧୦ (ଡି.ଏନ୍.ଏ)**

ରଘୁନାଥପୁର ବ୍ଲକ ରେଢୁଆ ନୂଆଗଡ଼ସ୍ଥିତ କୃଷି ଓ କୃଷକଙ୍କ ପାଇଁ କାର୍ଯ୍ୟ କରୁଥିବା (ଲିଭ ଆଣ୍ଡ ଲେଟଲିଭ)ଲାଲ ସଂସ୍ଥାରେ ସୁଦୂର ଆସାମରୁ ଆସି କୃଷିଭିତ୍ତିକ ତାଲିମ ନେଉଥିବା ୨୫ କୃଷକ ଉତ୍ପାଦକ ସଙ୍ଗଠନ କାର୍ଯ୍ୟନିର୍ବାହୀଙ୍କ ଦୁଇଦିନ ବ୍ୟାପି ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଲାଲ ସଂସ୍ଥାର ସମ୍ପାଦକ କ୍ଷେତ୍ରମୋହନ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ମଙ୍ଗଳବାର ରିସର୍ଚ୍ଚପର୍ସନ ଭାବେ ଓୟୁଏଟି ଉଦ୍ଭିଦ ପ୍ରଜନନ ଓ ଆନୁବଂଶିକ ବିଭାଗ ପୂର୍ବତନ ପ୍ରଫେସର ଡ.ସତ୍ୟରଞ୍ଜନ ଦାସ, ପ୍ରାଣୀ ଚାରା ଉତ୍ପାଦନ ଅଧିକାରୀ ସୁକାନ୍ତ କୁମାର ଜେନା, ବୈଜ୍ଞାନିକ ଡ଼ ଶଶାଙ୍କ ଶେଖର ଚାଉ ପଟ୍ଟନାୟକ, ଗୋରେଖନାଥ କୃଷକ ଉତ୍ପାଦକ କମ୍ପାନୀ ନିର୍ଦ୍ଦେଶିକା କାଦମ୍ବିନୀ ବେହେରା ଓ କ୍ଷେତ୍ର ପରିଦର୍ଶକ ଅବନୀ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟନିର୍ବାହୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଦିବସରେ କୃଷିସୂଚନା ଓ ସଂରକ୍ଷଣ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଗୁରୁ ପ୍ରସାଦ ତ୍ରିପାଠୀ, ପୂର୍ବତନ ମୁଖ୍ୟ ବିହନ ପ୍ରମାଣନ ଅଧିକାରୀ ଏକାଦଶୀ ନନ୍ଦ, ଅନୁଗୋଳ ଜିଲା କୃଷି ଅଧିକାରୀ ଡ.ଚକ୍ରଧର ପଣ୍ଡା, ପୂର୍ବତନ ଜିଲାକୃଷି ଅଧିକାରୀ ରମେଶ ଚନ୍ଦ୍ର ଦାଶ, ବିହନ ବିଶୋଧନ ପ୍ଲାଣ୍ଟ ଟେକ୍ନସିଆନ କୃଷ୍ଣଚନ୍ଦ୍ର ସ୍ୱାଇଁ ଓ ପୂର୍ଣ୍ଣଚନ୍ଦ୍ର ସେଠି ପ୍ରମୁଖ ତାଲିମ ନେଇଥିଲେ। ଏହି ଅବସରରେ ଆସାମର ୮ ଜିଲାର ୧୪ କୃଷକ ଉତ୍ପାଦକ ସଙ୍ଗଠନରୁ ଆସିଥିବା କାର୍ଯ୍ୟନିର୍ବାହୀଙ୍କୁ ବିହନ ବିଶୋଧନ, ସଂରକ୍ଷଣ, ବିନା ମାଟିରେ ଘାସ ଉତ୍ପାଦନ ଓ ସୁଗାର ଫ୍ରି ଧାନ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହ କ୍ଷେତ୍ର ପରିଦର୍ଶ କରାଯାଇଥିଲା। ଏଥିରେ ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ସଞ୍ଜୀବ କୁମାର ରାୟ,ଏସ୍.ରାଜ ସାହୁ, ତାପସ କୁମାର ବିଶ୍ୱାଳ ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ସହଯୋଗ କରିଥିଲେ।

## 'ଆଧୁନିକ ଜଗତ୍‌ସିଂହପୁରର ନିର୍ମାତା ଥିଲେ ଲକ୍ଷ୍ମଣ ମଲ୍ଲିକ'

**ଜଗତ୍‌ସିଂହପୁର ଅଫିସ, ୧୯।୧୦**

ପୂର୍ବତନ ମନ୍ତ୍ରୀ, ଏମ୍‌ପି ତଥା ଜଗତ୍‌ସିଂହପୁରର ପ୍ରଥମ ଜିଲା ପରିଷଦ ଅଧ୍ୟକ୍ଷ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକ ଜଣେ ଦରଦୀ ଓ ଲୋକପ୍ରିୟ ଜନନେତା ଥିଲେ। ଜଗତ୍‌ସିଂହପୁର ଜିଲା ପାଇଁ ତାଙ୍କ ଅବଦାନ ଅତୁଳନୀୟ। ତାଙ୍କୁ ଆଧୁନିକ ଜଗତ୍‌ସିଂହପୁରର ନିର୍ମାତା ବୋଲି କୁହାଯାଏ। ବୁଧବାର ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ସ୍ୱର୍ଗତ ମଲ୍ଲିକଙ୍କ ୮ମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହା କୁହାଯାଇଛି। ଲକ୍ଷ୍ମଣ ମଲ୍ଲିକ ସ୍ମୃତି କମିଟି ସଭାପତି ବିପ୍ଳବ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ସ୍ୱର୍ଗତ ମଲ୍ଲିକଙ୍କ ଜୀବନାଦର୍ଶ, ସାମାଜିକ ସେବା ଓ ଜନହିତକର କାର୍ଯ୍ୟ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ତାଙ୍କ ବ୍ୟକ୍ତିତ୍ୱ କେବଳ ଜଗତ୍‌ସିଂହପୁର ନୁହେଁ, ସାରା ରାଜ୍ୟରେ ସ୍ୱତନ୍ତ୍ର, ଯେଉଁଥିପାଇଁ ସେ ସବୁଦିନ ପାଇଁ ଅମର ହୋଇ ରହିଥିବେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ମୁଖ୍ୟଅତିଥି ଓ ଜଗତ୍‌ସିଂହପୁର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଜଗତ୍‌ସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ରନାଥ ମହାନ୍ତି, ସ୍ମୃତି କମିଟି ଆବାହକ ନଟବର ବାରିକ, ପିସିସି ସମ୍ପାଦକ ନଳିନୀ କୁମାର ସ୍ୱାଇଁ, ସ୍ୱର୍ଗତ ମଲ୍ଲିକଙ୍କ କନ୍ୟା ତଥା ସ୍ମୃତି କମିଟିର ସମ୍ପାଦିକା ପ୍ରତିମା ମଲ୍ଲିକ, ବରିଷ୍ଠ ନେତା ଅଦ୍ୱୈତ ଚରଣ ଜେନା ଓ ବଲ୍ଲଭା ନନ୍ଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ଯଥା ଶିକ୍ଷା କ୍ଷେତ୍ରରେ ରସାନନ୍ଦ ସାହୁ, ନିକୁଞ୍ଜ କିଶୋର ବେହେରା, ପ୍ରଫୁଲ୍ଲ ଜେନାମଣୀ ଓ ରାମଚନ୍ଦ୍ର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପିସିସି ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ତଥା ଏରସମା ବ୍ଲକ ପଳଦା ପଞ୍ଚାୟତର ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ, ସମାଜସେବା କ୍ଷେତ୍ରରେ ପରିବେଶବିତ୍ ଡ. ଅୟସକାନ୍ତ ରାୟ, ଭକ୍ତ ଚରଣ ଦାସ, ଶରତ କୁମାର ତ୍ରିପାଠୀ, ନୃସିଂହ ଚରଣ ଖୁଣ୍ଟିଆ, ଦ୍ୱାରିକା ନାଥ ବିଶ୍ୱାଳ, ଶରତ ଦାସ, ସେକ୍ ହେବାୟନ ଅଲ୍ଲି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସ୍ମୃତି କମିଟିର ଉପସଭାପତି ଅଭୟ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଉପସଭାପତି ପ୍ରଦୀପ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ପ୍ରତ୍ୟୁଷରେ କଲେଜ ଛକ ଗଣେଶ ଘାଟ ନିକଟରେ ତିଳ ତର୍ପଣ କରାଯିବା ସହ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ବହୁ ସଂଖ୍ୟକ ଲୋକ ଯୋଗ ଦେଇଥିଲେ।



ଲକ୍ଷ୍ମଣ ମଲ୍ଲିକଙ୍କ ଶ୍ରାଦ୍ଧ ବାର୍ଷିକୀରେ ମଞ୍ଚାସୀନ ଅତିଥିବୃନ୍ଦ।

## ଉପାନ୍ତ ଅଞ୍ଚଳରେ ଶିଶୁ ମହୋତ୍ସବ ସୁରଭି

**ମହାକାଳପଡ଼ା,୧୯।୧୦ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବଟୀଘର ପଞ୍ଚାୟତରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କଜଳପାତିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଆରସିସି ସୁନ୍ଦର ମୋହନ ସିଂ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ସରପଞ୍ଚ ଶିବାନୀ ବିଜୁଳି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବଟୀଘର ପଞ୍ଚାୟତ ନଦୀନାଳ ଘେରା ଉପାନ୍ତ ଅଞ୍ଚଳ ହୋଇ ଥିବାରୁ ଗାଁର କୋମଳମତୀ ଶିଶୁମାନଙ୍କ ଗୁଣାତ୍ମକ, ଶୈକ୍ଷିକ , ଶାରୀରିକ ବିକାଶ ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷା ପ୍ରଦାନ କରୁଛନ୍ତି । ଉକ୍ତ ଅଞ୍ଚଳରେ ପିଲାମାନେ ପାଠ ପଢିବା ପାଇଁ କିପରି ଆଗ୍ରହ ପ୍ରକାଶ କରିବେ ସେଥି ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ସଭ୍ୟ କ୍ରିଷ୍ଣାପଦ ମଣ୍ଡଳ, ବଟୀଘର ଫଲ୍ଲ ପଏଣ୍ଟ ଭାରପ୍ରାପ୍ତ ଅଧିକାରୀ ଜୟନ୍ତ କୁମାର ଚାଟାର୍ଜୀ, ଶିକ୍ଷକ ରାଜେନ୍ଦ୍ର କିଷ୍ଣୁ, ପ୍ରଶାନ୍ତ କୁମାର ସାମଲ, ଅଶୋକ କୁମାର ଓଝା, ସୁବାସ କୁମାର ଦିଣ୍ଡାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କ୍ଲଷ୍ଟର ଅଧୀନ ବିଦ୍ୟାଳୟରେ ଉନ୍ନତ ଶିକ୍ଷା ସାମଗ୍ରୀ ପ୍ରସ୍ତୁତ କରିଥିବା ଶିକ୍ଷକ ସୋନାରାମ ସୋରେନ ଓ ଶିକ୍ଷୟିତ୍ରୀ ମଞ୍ଜୁଲତା ବେଉରାଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ।



କଜଳପାତିଆ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସୁରଭି କାର୍ଯ୍ୟକ୍ରମ।

## ସରପଞ୍ଚଙ୍କ ଆମରଣ ଅନଶନ

- ଜିଲାପାଳଙ୍କ ଭିସି ବୈଠକରେ ପ୍ରଧାନ ଶିକ୍ଷକଙ୍କ ଅଣଦେଖା ଅଭିଯୋଗ
- ସମିତିସଭ୍ୟ, ପୁରାତନ ଛାତ୍ରଙ୍କ ସମର୍ଥନ

**ରଘୁନାଥପୁର, ୧୯।୧୦(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଟିକିଣିଆ ପଞ୍ଚାୟତର ସରପଞ୍ଚ ବିଷ୍ଣୁ ଚରଣ ସେଠୀ ଓ ଏଚ୍‌ଏମ୍‌ଟି ବିଦ୍ୟାପୀଠର ପୁରାତନ ଛାତ୍ରଙ୍କୁ ପ୍ରଧାନ ଶିକ୍ଷକ ଅଣଦେଖା କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବିଦ୍ୟପୀଠ ପରିସରରେ ସରପଞ୍ଚ ସେଠୀ ଆମରଣ ଅନଶନରେ ବସିଛନ୍ତି। ଏହାକୁ ସମିତିସଭ୍ୟ ବିଚିତ୍ର କୁମାର ସ୍ୱାଇଁ ଓ ପୁରାତନ ଛାତ୍ରମାନେ ସମର୍ଥନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ରଘୁନାଥପୁର ବ୍ଲକ ସଭାକକ୍ଷରେ ସୋମବାର ୫-ଟି ସ୍କୁଲ ରୂପାନ୍ତରଣର ଭିଡିଓ କନ୍‌ଫରେନ୍ସ (ଭିସି)ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରୂପାନ୍ତରଣ ଯୋଜନାରେ ସାମିଲ ହୋଇଥିବା ଏଚଏମଟି ବିଦ୍ୟାପୀଠ ପକ୍ଷରୁ ମନୋନୀତ ସଦସ୍ୟ ଯୋଗଦେଇଥିଲା। ୫-ଟି ସଚିବ ଓ ଜିଲାପାଳଙ୍କ ଉପସ୍ଥିତିରେ ଏହି ବୈଠକ ହେବ ବୋଲି ଏକ ମାସ ପୂର୍ବେ ସ୍ଥିର ହୋଇଥିଲା। ଏଥିରେ ଯୋଗଦେବା ପାଇଁ ସରପଞ୍ଚ ସେଠୀଙ୍କ ନାମ ଓ ମୋବାଇଲ୍ ନମ୍ବରକୁ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାମଲ ବ୍ଲକ କାର୍ଯ୍ୟାଳୟକୁ ପଠାଇଥିଲେ। ମାତ୍ର ସୋମବାର ଅନୁଷ୍ଠିତ ଜିଲାପାଳଙ୍କ ଭିସିରେ ପ୍ରଧାନଶିକ୍ଷକ ସାମଲ ସରପଞ୍ଚଙ୍କୁ ଉପେକ୍ଷା କରି ଅନ୍ୟଜଣେ ପୁରାତନ ଛାତ୍ରଙ୍କୁ ଏଥିରେ ସାମିଲ କରିଥିଲେ। ବିଡିଓ ଏବଂ ବିଇଓଙ୍କ ଦସ୍ତଖତ ହୋଇଥିବା ଏହି ବୈଠକ ତାଲିକାରୁ ସରପଞ୍ଚଙ୍କ ନାମ କଟାଯାଇ ସମ୍ପୃକ୍ତ ଛାତ୍ରଙ୍କୁ ସାମିଲ କରାଯାଇଥିବାରୁ ଏହାକୁ ଅପମାନ ସୂଚକ ବୋଲି ସେଠୀ କହିଛନ୍ତି। ବୈଠକ ଦିନ ପ୍ରଧାନଶିକ୍ଷକ ତାଙ୍କୁ ଡାକି ନ ଥିବା କିମ୍ବା କୌଣସ ଆଲୋଚନା କରି ନଥିବା ସେଠି ପ୍ରକାଶ କରିଛନ୍ତି। ଏହା କାହା ଇଙ୍ଗିତରେ ହେଲା ଏ ସମ୍ପର୍କରେ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ର ପ୍ରଧାନ ଶିକ୍ଷକଙ୍କୁ ପଚାରିବା ପାଇଁ ସ୍କୁଲ ଯାଇଥିଲେ ସୁଦ୍ଧା ତାଙ୍କ ଦେଖା ମିଳି ନ ଥିଲା। ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ଏ ସମ୍ପର୍କରେ ଜିଲାପାଳ, ବିଡିଓ ଏବଂ ବିଇଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପୁନର୍ବାର ବୁଧବାର ସରପଞ୍ଚ ସେଠୀଙ୍କ ସହ ପୁରାତନ ଛାତ୍ରମାନେ ସ୍କୁଲ ଯାଇ ପ୍ରଧାନ ଶିକ୍ଷକଙ୍କ ସାକ୍ଷାତ ନ ପାଇବାରୁ ଅସନ୍ତୋଷ ବ୍ୟକ୍ତ କରି ଅନଶନରେ ବସିଛନ୍ତି। ଏଥିରେ ତପନ ମହାନ୍ତି, ମାନସ ନାୟକ,ଲକ୍ଷ୍ମୀଧର ସେଠୀ ଦୀପକ ସ୍ୱାଇଁ, ଦେବେନ୍ଦ୍ର ସାହୁ, ବିଭୂତି ନାୟକ, ପ୍ରଦୀପ ସେଠି, ବାବୁଲି ଭୋଇ, ଗଜେନ୍ଦ୍ର ନାୟକ ପ୍ରମୁଖ ସାମିଲ ହୋଇଛନ୍ତି।



ଆମରଣ ଅନଶନରେ ବସିଥିବା ସରପଞ୍ଚ ବିଷ୍ଣୁଚରଣ ସେଠୀ ଓ ସମର୍ଥକମାନେ।

# ସମ୍ଭାବ୍ୟ ବାତ୍ୟାକୁ ନେଇ ଲୋକେ ଭୟଭୀତ

## ମହାବାତ୍ୟାକୁ ୨୩ ପୂରିବାକୁ ଆଉ ୧୦ ଦିନ ଅଛି

**ପଟ୍ଟାମୁଣ୍ଡାଇ,୧୯।୧୦(ସ୍ୱ.ପ୍ର.)**

୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା ହୋଇଥିଲା। ଆସନ୍ତା ୨୯ ତାରିଖକୁ ୨୩ ବର୍ଷ ପୂରିବ। ଏହି ମହାବାତ୍ୟାରେ କେନ୍ଦ୍ରାପଡ଼ା ଜିଲାରେ ବ୍ୟାପକ କ୍ଷୟକ୍ଷତି କରିଥିବା ବେଳେ ପ୍ରାୟ ୩୮୭ ଜଣଙ୍କ ଜୀବନ ଯାଇଥିଲା। ମାତ୍ର ଏହାର କରାଳ ରୂପ ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ପୁଣି ଚଳିତ ମାସରେ ଆଉ ଏକ ବାତ୍ୟା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ପଟ୍ଟାମୁଣ୍ଡାଇ ବ୍ଲକ ବୋଧଗାଁର ବିଜୟ ଦାସ କୁହନ୍ତି, ବାତ୍ୟା କଥା ଉଠିଲେ, ମନେ ପଡ଼ି ଯାଇଥାଏ ୧୯୯୯ ମହାବାତ୍ୟାର ଲୋମ ଟାଙ୍କୁରା ଅନୁଭୂତି। ଏହା ପୂର୍ବରୁ କେନ୍ଦ୍ରାପଡ଼ାବାସୀ ଏଭଳି ପ୍ରାକୃତିକ ଦୁର୍ବିପାକ କେବେ ଦେଖି ନ ଥିଲେ। ୧୯୯୯ ଅକ୍ଟୋବର ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୧୪ଟି ଜିଲାରେ ସମୁଦ୍ରକୂଳଠାରୁ ପ୍ରାୟ ୧୫୦ କିଲୋମିଟର ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରବଳ ବର୍ଷା ସହ ପବନ ହୋଇ ମହାବାତ୍ୟାର ରୂପ ନେଇଥିଲା। ପ୍ରାୟ ୨୭୦ କିଲୋମିଟର ବେଗରେ ପବନ ବହିବାରୁ ଧନ ଜୀବନ ଛାରଖାର କରି ଦେଇଥିଲା। ମହାବାତ୍ୟାରେ ରାଜ୍ୟର ୧୧,୦୦୦ରୁ ଊର୍ଦ୍ଧ୍ୱ ଲୋକ ଓ ଲକ୍ଷାଧିକ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଥିଲା। କେନ୍ଦ୍ରାପଡ଼ା ଜିଲାରେ ୩୮୭ ଜଣଙ୍କ ମୃତ୍ୟୁ ଘଟିଥିଲା ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ମାତ୍ର ଏହି ସଂଖ୍ୟା ୪୬୯ରୁ ଅଧିକ ହେବ ବୋଲି ମହାବାତ୍ୟା ପରେ କ୍ଷୟକ୍ଷତି ପୂରଣ ପାଇଁ ହୋଇଥିବା ଆବେଦନରୁ ଜଣାପଡ଼ିଛି। ୨୨ବର୍ଷ ତଳ ଅକ୍ଟୋବରର ସେ କରୁଣ କାହାଣୀ ଭୁଲି ନ ଥିବା ବେଳେ ପୁଣି ଚଳିତ ମାସରେ ଆଉ ଏକ ବଡ ବାତ୍ୟା ଆସୁଛି ବୋଲି ଶୁଣିବାକୁ ମିଳୁଛି। ଯଦି ଜିଲାକୁ ଏପରି ହୁଏ ତାହା ହେଲେ ଭାତହାଣ୍ଡି କୁହାଯାଉଥିବା ଉକ୍ତିକଣ ଭେଡାର ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ବିଜେଡି ବ୍ଲକ ସମ୍ପାଦକ କଳାକାର ପ୍ରଧାନ କହିଛନ୍ତି, ୧୯୯୯ମହାବାତ୍ୟା ଛାଡ଼ିଗଲା ପରର ଦୃଶ୍ୟ ଆହୁରି ଭୟଙ୍କର ଥିଲା। ସରକାରୀ ସାହାଯ୍ୟ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ୧୦ଦିନରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। ମହାବାତ୍ୟାରୁ ବର୍ତ୍ତିଥିବା ଲୋକେ ଝାଡ଼ାବାନ୍ତି ରୋଗର ସମ୍ମୁଖୀନ ହୋଇଥିଲେ। ଫସଲ ନଷ୍ଟ ଓ ବେଘର ହୋଇଥିବାରୁ ଖାଇବା ତ ଦୂରର କଥା ପିଇବା ପାଇଁ ପାଣି ଟୋପେ ମିଳି ନ ଥିଲା। ଏହା ପ୍ରଭାବରେ ସମୁଦ୍ର ତଟାଞ୍ଚଳର ବହୁ ଗ୍ରାମକୁ ଜୁଆର ପାଣି ପଶି ଯାଇଥିଲା। ଚାଷଜମିରେ ଲୁଣାପାଣି ଓ ବାତ୍ୟାମାଡ଼ରେ ଫସଲ ନଷ୍ଟ ଯୋଗୁ ଚାଷୀଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ଦୋହଲି ଯାଇଥିଲା। ମହାବାତ୍ୟା ପରେ ନୂଆ ସରକାରର ମଙ୍ଗ ଧରିଥିଲେ ନବୀନ ପଟ୍ଟନାୟକ। ମହାବାତ୍ୟାରେ ଚାଲି ଯାଇଥିବା ଜୀବନ ନବୀନଙ୍କୁ ବ୍ୟଥିତ କରିଥିଲା। ଆଉ ରାଜ୍ୟରେ ଏହାର ପୁନରାବୃତ୍ତି ନ ହେବାକୁ ସଙ୍କଳ୍ପ ନେଇଥିଲେ। ଫାଇଲିନ, ହୁଦହୁଦ, ତିତଲି, ଆମ୍ଫାନ, ଫନି, ବୁଲବୁଲ, ଜୱାଦ ଭଳି ବାତ୍ୟାରୁ ମଧ୍ୟ ଲୋକଙ୍କ ଜୀବନ ବଞ୍ଚା ଯାଇ ପାରିଥିଲା। ମହାବାତ୍ୟା ପରେ ରାଜ୍ୟ ସରକାର ଗଠନ କରିଥିଲେ ଓସଡମା, ବାତ୍ୟା ଆଶ୍ରୟସ୍ଥଳ ଓ ଲୋକଙ୍କୁ ଉଦ୍ଧାର ପାଇଁ ଓଡ୍ରାଫ ଟିମ୍ ଗଠନ କରିଥିଲେ। ସାମାଜିକ କର୍ମୀ ପ୍ରଫୁଲ୍ଲ ଦାଶ କୁହନ୍ତି, ଉପକୂଳବର୍ତ୍ତୀ ଅଞ୍ଚଳକୁ ସୁରକ୍ଷା ଦେବାକୁ ପ୍ରଶାସନ ପକ୍ଷରୁ ହେନ୍ତାଳବଣ ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ଏହା ଉପରେ କୌଣସି ଉଦ୍ୟମ ହେଉନାହିଁ। ବାଲିବନ୍ଧ ଓ ହେନ୍ତାଳବଣ ଅଭାବରୁ ସାତଭାୟାର କାହ୍ନୁପୁର ମୌଜା ୨୦୧୧ରୁ ଜିଲା ନକ୍ସାରୁ ଉଭାନ ହୋଇଯାଇଛି। ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରଶାସନ ପାଇଁ ଏବେ ଆହ୍ୱାନ ସୃଷ୍ଟି କରିଛି। ମହାବାତ୍ୟା ପରେ ସମୁଦ୍ର ତଟାଞ୍ଚଳରେ ହେନ୍ତାଳ ବଣ ସୃଷ୍ଟି କରାଯାଇଥିଲେ କାହ୍ନୁପୁର ମୌଜା ନିଶ୍ଚିହ୍ନ ହୋଇ ନ ଥାନ୍ତା। ହେନ୍ତାଳ ବଣ ସୃଷ୍ଟି ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ପ୍ରାକୃତିକ ବିପର୍ଯ୍ୟୟରୁ ବର୍ତ୍ତିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପର ହୋଇଉଠିଛନ୍ତି। କେନ୍ଦ୍ରାପଡ଼ା ଜିଲାର ସମୁଦ୍ର ତଟାଞ୍ଚଳରେ ଥିବା ଜିଲାର ୬୪ଟି ଗ୍ରାମକୁ ସୁନାମୀ ପ୍ରବଣ ଭାବେ ଚିହ୍ନଟ କରାଯାଇଛି। ସେଠାରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ, ଗମନାଗମନର ବ୍ୟବସ୍ଥା ହୋଇଛି। ଏ ନେଇ ପ୍ରଶାସନ ପକ୍ଷରୁ ମକଡ୍ରିଲ ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଉଛି। ଅପରପକ୍ଷେ ପଟ୍ଟାମୁଣ୍ଡାଇ ବ୍ଲକରେ ୧୦ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଅଛି। ମାତ୍ର ଏଗୁଡ଼ିକ ଏବେ ମରଣଯନ୍ତା ପାଲଟିଛି। ଏହି ଆଶ୍ରୟସ୍ଥଳରେ ଥିବା ଜେନେରେଟର, କୁରାଢ଼ି, ରଶି, ସ୍କାଏ ଲାଇଟ ପରି ଅତ୍ୟାବଶ୍ୟକ ସାମଗ୍ରୀର କୌଣସି ତଦାରଖ ହେଉନାହିଁ। ଯଦି ବଡ ବାତ୍ୟା ହୁଏ ତେବେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ। ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀ କୁହନ୍ତି, ବାତ୍ୟାର ବହୁ ପୂର୍ବରୁ ପାଣିପାଗ ବିଶେଷଜ୍ଞଙ୍କ ସତର୍କ ସୂଚନା ପ୍ରଦାନ ଏବେ ଆଶ୍ୱସ୍ତି ଆଣିଛି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରଶାସକଙ୍କୁ ସୁଯୋଗ ଦେଉଛି। ୧୯୯୯ ମହାବାତ୍ୟା ସମୟରେ ଏପରି ଜ୍ଞାନକୌଶଳ ନ ଥିଲା। ସଡ଼କ ଯୋଗାଯୋଗଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ମୌଳିକ ସୁବିଧା ଉପଲବ୍ଧ ନ ଥିବାରୁ ମହାବାତ୍ୟା ବ୍ୟାପକ କ୍ଷତି ଘଟାଇଥିଲା। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସରକାରୀ ଅଧିକାରୀମାନଙ୍କ ଛୁଟି ବାତିଲ ହୋଇଛି। ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ହେଡକ୍ୱାର୍ଟର ଛାଡିବା ମନା କରାଯାଇଛି।

## ସଂକ୍ଷେପରେ

### ୮୦ ବର୍ଷର ପ୍ରାଇମେରୀ ସ୍କୁଲ ବନ୍ଦକୁ ନେଇ ଅସନ୍ତୋଷ

**ପଟ୍ଟାମୁଣ୍ଡାଇ,୧୯।୧୦(ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକର ସର୍ବପୁରାତନ ରାଉତ ସାହି ପ୍ରାଇମେରୀ ସ୍କୁଲକୁ ବନ୍ଦ କରାଯାଇ ଅମୃତମଣୋହି ନୋଡାଲ ପ୍ରାଇମେରୀ ସ୍କୁଲ ସହ ମିଶ୍ରଣ କରିଦିଆଯାଇଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଟ୍ଟାମୁଣ୍ଡାଇ ବଲୁରିଆ ରାଉତ ସାହିରେ ୮୦ ବର୍ଷ ହେବ ଏହି ପ୍ରାଇମେରୀ ସ୍କୁଲଟି ରହିଅଛି। ସ୍କୁଲ ମିଶ୍ରଣରେ ଏହି ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଉପସ୍ଥାପନ କମ ଥିବାରୁ ଏହି ପ୍ରାଇମେରୀ ସ୍କୁଲକୁ ଅମୃତମଣୋହି ନୋଡାଲ ସ୍କୁଲ ସହ ମିଶ୍ରଣ କରାଯାଇଛି। ଏହି ରାଉତସାହିର ହରିଜନ ବସ୍ତିରେ ଆଉ ଏକ ପ୍ରାଇମେରୀ ସ୍କୁଲ ରହିଛି। ସରକାର ଅମୃତମଣୋହି ନୋଡାଲ ସ୍କୁଲରେ ରାଉତ ସାହି ନୋଡାଲ ସ୍କୁଲରେ ମିଶ୍ରଣ କରିବା କେତେଦୂର ସମୀଚିନ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାଉତସାହି ପ୍ରାଇମେରୀ ସ୍କୁଲରେ ଅଧ୍ୟୟନ କରୁଥିବା ପିଲାଙ୍କୁ ପ୍ରାୟ ୪ କିମି ଅମୃତମଣୋହି ନୋଡାଲ ସ୍କୁଲକୁ ପଠାଇବା ଅତି ଦୁର୍ଭାଗ୍ୟ ଜନକ ବୋଲି ଅଭିଭାବକମାନେ କହିଛନ୍ତି। ରାଉତ ସାହି ପ୍ରାଇମେରୀ ସ୍କୁଲରେ ୩୦ରୁ ଅଧିକ ପିଲା ଥିଲେ ମଧ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀ ଏଥିପ୍ରତି ଗୁରୁତ୍ୱ ନ ଦେବା ଛାତ୍ର ଅଭିଭାବକଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖା ଦେଇଛି। କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ ଓ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଏହାର ପୁନର୍ବିଚାର କରି ଧୋପ୍ୟାଞ୍ଚଳର ସର୍ବପୁରାତନ ଶିକ୍ଷା ଅନୁଷ୍ଠାନରେ ଶିକ୍ଷା ପୂର୍ବପରି ବଳବତ୍ତର ରଖିବାକୁ ସାମାଜିକ କର୍ମୀ ଡା. ଗଦାଧର ମଲ୍ଲିକ, ଅଭିରାମ ମଲ୍ଲିକ , ଶିଶିର କୁମାର ସ୍ୱାଇଁ ପ୍ରମୁଖ ଅନୁରୋଧ କରିଛନ୍ତି।

### ଧର୍ମ ପରାୟଣ ମହିଳାଙ୍କ ପରଲୋକ

**ଡେରାବିଶ, ୧୯।୧୦(ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଫକିରାବାଦ ଗ୍ରାମର ଧର୍ମପ୍ରାଣା ମହିଳା ତଥା ବ୍ଲକ ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ହଳଧର ଦାଶଙ୍କ ସ୍ତ୍ରୀ ପଦ୍ମାବତୀ (୬୭)ଙ୍କ ରବିବାର ପରଲୋକ ହୋଇଯାଇଛି। ପଦ୍ମାବତୀ ଦୀର୍ଘଦିନ ହେବ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରବି ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ପ୍ରାଧ୍ୟାପକ ଅଜୟ କୁମାର ରାଉତ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ବ୍ଲକ ଅଧକ୍ଷ ସରୋଜକାନ୍ତ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ପଦ୍ମାବତୀଙ୍କ ମରଶରୀରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏକ ଶୋକାକୂଳ ପରିବେଶରେ ପଦ୍ମାବତୀଙ୍କୁ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ଦୁଇପୁଅ ଦେବୀପ୍ରସାଦ, ବିଭୂପ୍ରସାଦ ଓ ପରିବାର ବର୍ଗ ଉପସ୍ଥିତ ଥିଲେ।

# କ୍ଷତିପୂରଣ ଦାବିରେ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

## ଭସାଣି ଶୋଭାଯାତ୍ରାରେ ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ଘଟଣା

**ମାର୍ଶାଘାଇ, ୧୯।୧୦ (ଡି.ଏନ.ଏ.)**


ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ କ୍ଷତିପୂରଣ ଦାବିରେ ପରିବାର ସଦସ୍ୟ ଓ ଗ୍ରାମବାସୀ ଧାରଣା ଦେଇଛନ୍ତି।

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ କଷୋଟି ଗାଁରେ ଗଜଲକ୍ଷ୍ମୀ ଭସାଣି ସମୟରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ବିଶ୍ୱଜିତ ଲେଙ୍କା(୨୮)ଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଟାଟାପାୱାର ଡିଭିଜନ ଅଫିସ୍ ସମ୍ମୁଖରେ ରଖି ପରିବାର ଓ କଷୋଟି ଗ୍ରାମବାସୀଙ୍କ ପକ୍ଷରୁ କ୍ଷତିପୂରଣ ଦାବିରେ ଧାରଣା ଦିଆଯାଇଥିଲା। ମଙ୍ଗଳବାର ଦୁର୍ଘଟଣା ପାଇଁ ବିଦ୍ୟୁତ୍ ପରିଚାଳନା କରୁଥିବା ଟାଟାପାୱାରକୁ ସେମାନେ ଦାୟୀ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଜଣେ ଯୁବକଙ୍କ ଜୀବନ ଚାଲିଯିବାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରି ପୂର୍ବାହ୍ନ ୧୧ଟାଠାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଅପରପକ୍ଷରେ ଟାଟାପାୱାରର କୌଣସି ଅଧିକାରୀ ଧାରଣାସ୍ଥଳକୁ ଆସି ନ ଥିଲେ। ଫଳରେ ଧାରଣାରତ ଲୋକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଖବରପାଇ ମାର୍ଶାଘାଇ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ, ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜୟନ୍ତ ମହାପାତ୍ର ପ୍ରମୁଖ ଧାରଣା ସ୍ଥଳରେ ପହଞ୍ଚି ଧାରଣାରତ ଲୋକମାନଙ୍କ ସହ ଆଲୋଚନା କରିଥିଲେ।

ପ୍ରଶାସନ ପକ୍ଷରୁ ଏ ନେଇ ଟାଟାପାୱାର ଅଧିକାରୀଙ୍କ ସହ ସମ୍ପର୍କ ସ୍ଥାପନ କରାଯାଇଥିଲା। ଅପରାହ୍ନ ୫ଟାରେ ଟାଟାପାୱାର ମାର୍ଶାଘାଇ ଡିଭିଜନାଲ ମ୍ୟାନେଜର ପ୍ରତାପ ଚନ୍ଦ୍ର ସ୍ୱାଇଁ, ଜିଲାପରିଷଦ ସଭ୍ୟ ପ୍ରମୋଦ ରଥ, ତହସିଲଦାର ବିଶ୍ୱାଳ, କେନ୍ଦ୍ରାପଡା ଏସଡିପିଓ ମହାପାତ୍ର, ଥାନା ଅଧିକାରୀ ସାମନ୍ତରାୟ, ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରା, ମଣିକୁଣ୍ଡା ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ରାଉତ, କଷୋଟି ଗ୍ରାମର ମୁରବୀ, ମୃତକଙ୍କ ପରିବାର ସହ ଆଲୋଚନା କରାଯାଇଥିଲା। ବିଦ୍ୟୁତ୍ ଆଘାତରେ ମୃତ ବିଶ୍ୱଜିତଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଟାଟାପାୱାରରେ ସ୍ଥାୟୀ ନିଯୁକ୍ତି ସହ ୧୫ ହଜାର ଟଙ୍କା କ୍ଷତିପୂରଣ ଦେବା ସହ ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଓ ଆହତ ୪ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ସନ୍ଧ୍ୟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ମାତୃ, ଶିଶୁ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟନକୁ ନେଇ ଅସନ୍ତୋଷ

**କେନ୍ଦ୍ରାପଡ଼ା ଅଫିସ, ୧୯।୧୦**

କେନ୍ଦ୍ରାପଡା ଜିଲା ମାତୃ ଓ ଶିଶୁ ମଙ୍ଗଳ ଚିକିତ୍ସା କେନ୍ଦ୍ରର ଉଦ୍‌ଘାଟନ ୨୦୨୧ ଡିସେମ୍ବର ୧୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାଷୀ କାର୍ଯ୍ୟକ୍ରମରେ କରିଥିଲେ। ତେବେ ନିର୍ମାଣ କାର୍ଯ୍ୟ ଶେଷ ପରେ ଆସନ୍ତା ଗୁରୁବାର ଅପରାହ୍ନ ସାଢେ ୫ଟାରେ ପୁଣି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଆଭାଷୀ କାର୍ଯ୍ୟକ୍ରମରେ ଉଦ୍‌ଘାଟନ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ଚିକିତ୍ସା କେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସୁଦୃଢ଼ ହୋଇ ନ ଥିବା ଦର୍ଶାଇ କେନ୍ଦ୍ରାପଡ଼ା ଜିଲା ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ଭିତ୍ତିଭୂମି ପ୍ରତିଷ୍ଠା ଦାବିରେ ସିଡିଏମ୍‌ଓ ଡା. ଅନୀତା ପଟ୍ଟନାୟକଙ୍କ ସହ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ କର୍ମକର୍ତ୍ତା ଚିତ୍ତରଞ୍ଜନ ଦାସ କହିଛନ୍ତି, ନୂତନ ଚିକିତ୍ସା କେନ୍ଦ୍ର ପାଇଁ କୌଣସି ନୂଆ ଡାକ୍ତରଙ୍କ ନିଯୁକ୍ତି ମିଳିନାହିଁ। ସେହିପରି ରୋଗ ନିରୂପଣ କେନ୍ଦ୍ର ଓ ଅନ୍ୟ ଭିତ୍ତିଭୂମି ପ୍ରସ୍ତୁତ ନ ଥିବାରୁ ସ୍ୱାସ୍ଥ୍ୟ ସେବା ପୂର୍ବ ପରି ଚାଲିବା ଆଶଙ୍କା ପ୍ରକାଶ ପାଇଛି। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିବର୍ତ୍ତନ ହେବାକୁ ନିଷ୍ପତ୍ତି ହୋଇଛି। ଫଳରେ ଏଠାରେ ମାତ୍ର ଜଣେ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ହେବ। ସହରରେ ପ୍ରାୟ ୬୦ ହଜାର ଲୋକ ବସବାସ କରୁଥିବାରୁ ଏହାକୁ ସିଏଚସିରେ ପରିବର୍ତ୍ତିତ କରି ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ କମିଟି ପକ୍ଷରୁ ଦାବି ରଖାଯାଇଛି। ଆଲୋଚନା ସମୟରେ କମିଟିର କର୍ମକର୍ତ୍ତା ଅଜୟ କୁମାର ସାମଲ, ରମଣୀ ରଞ୍ଜନ ରାଉତରାୟ, ଫକୀର ଚରଣ ଖଟୁଆ, ପ୍ରଫୁଲ୍ଲ କୁମାର ଦାସ, ଆଦିକନ୍ଦ ରାଉଳ ପ୍ରମୁଖ ସାମିଲ ହୋଇଥିଲେ।


ସିଡିଏମ୍‌ଓ ଅନୀତା ପଟ୍ଟନାୟକଙ୍କ କ୍ରିୟାଅନୁଷ୍ଠାନର ସଦସ୍ୟମାନେ ଆଲୋଚନା କରୁଛନ୍ତି।

# 'ଗଡ଼ଜାତ ଅଞ୍ଚଳର ଗାନ୍ଧୀ ଥିଲେ ସାରଙ୍ଗଧର'

**ତିର୍ତ୍ତୋଲ,୧୯।୧୦ ( ଡି.ଏନ.ଏ.)**

ତିର୍ତ୍ତୋଲ, ଏରସମା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସ୍ୱାଧୀନତା ସଂଗ୍ରାମୀ ସାରଙ୍ଗଧର ଦାସ ଗଡ଼ଜାତ ଅଞ୍ଚଳର ଗାନ୍ଧୀ ଭାବେ ପରିଚିତ ଥିଲେ। ବିଦେଶରେ ପାଠ ପଢ଼ିବା ପରେ ସେ ଗାନ୍ଧିଜୀଙ୍କ ପଦାଙ୍କ ଅନୁସରଣ କରି ଗଡ଼ଜାତ ଅଞ୍ଚଳରେ ଜଣେ ଆଗଧାଡିର ସ୍ୱାଧୀନତା ସଂଗ୍ରାମୀ ଭାବେ ପରିଚିତ ହୋଇଥିଲେ ବୋଲି ବକ୍ତାମାନେ ପ୍ରକାଶ କରିଛନ୍ତି। ଶାରଳା ରୋଡ ଜଗନ୍ନାଥ ମନ୍ଦିର ପରିସରରେ ବୁଧବାର ସନ୍ଧ୍ୟାରେ ସାରଙ୍ଗଧରଙ୍କ ଜୟନ୍ତୀ ସଭାରେ ବକ୍ତାମାନେ ଉପରୋକ୍ତ ମତ ଦେଇଛନ୍ତି। ସାମାଜିକ କର୍ମୀ ଦେବବ୍ରତ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଉତ୍କଳ ଖଦି ମଣ୍ଡଳ ସଭାପତି ଆଇନଜୀବୀ ବୈଷ୍ଣବ ଚରଣ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।


ସଭାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଡେପୁଟି କଲେକ୍ଟର ସୁରେଶ ଚନ୍ଦ୍ର ମହାନ୍ତି ଏବଂ ଅନ୍ୟତମ ଅତିଥିଭାବେ ସାମାଜିକ କର୍ମୀ ବଟକୃଷ୍ଣ ଦାଶ, ବିରଜା ପ୍ରସନ୍ନ ପରିଜା, ପୂର୍ବତନ ସରପଞ୍ଚ ବିମଳ ପ୍ରସାଦ ଦାଶ, ପ୍ରମୋଦ କାନୁନଗୋ, ନିରଞ୍ଜନ ଦାସ, ନୀଳମଣି ପ୍ରଧାନ, ଅମର ଜ୍ୟୋତି ସାହୁ, ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱାଧୀନତା ସଂଗ୍ରାମୀ ଦାସଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବିରିଡି,୧୯।୧୦(ଡି.ଏନ.ଏ)**

ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିରିଡି ୨ ନଂ. ଜୋନ୍‌ରେ ବିଜେଡି ପକ୍ଷରୁ ବୁଧବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ବିଜୟ ଶଙ୍କର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରା ପୁରଣ ପଞ୍ଚାୟତରୁ ବାହାରି ବାସନ୍ଦରା ଦେଇ ଉକୁନ୍ଦରା ପଞ୍ଚାୟତ କାର୍ଯ୍ୟାଳୟରେ ଶେଷ ହୋଇଥିଲା । ଏହି ପଦଯାତ୍ରାରେ ଜଗତ୍‌ସିଂହପୁର ଏମପି ଡା.ରାଜଶ୍ରୀ ମଲିକ, ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ବିଜେଡି ସଙ୍ଗଠକ ଦେବୀପ୍ରସାଦ ତ୍ରିପାଠୀ, ଯୁବ ବିଜେଡି ସଭାପତି ସୁଶାନ୍ତ ସାହୁ, ଛାତ୍ର ବିଜେଡି ସଭାପତି ଗୋରେଖ ଆଶ୍ରିତ ବେହେରା, ସରପଞ୍ଚ ଯୁଧିଷ୍ଠିର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଚାନ୍ଦୋଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ମେଳଣ ଶେଷ


ମେଳଣ ପଡିଆରେ ମା' ଗଜଲକ୍ଷ୍ମୀଙ୍କ ମେଢ ସବୁ ରହିଛି।

**ଡେରାବିଶ,୧୯।୧୦ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ବଜାରରେ ଦୀର୍ଘ ୯ ଦିନ ଧରି ଅନୁଷ୍ଠିତ ହେଉଥିବା ମା' ଗଜଲକ୍ଷ୍ମୀଙ୍କ ପୂଜା ମଙ୍ଗଳବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି। ୧୫ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ପୂଜା ପାଉଥିବା ମୃଣ୍ମୟ ମୂର୍ତ୍ତି ମେଳଣ ପରେ ବିସର୍ଜିତ ହୋଇଛନ୍ତି। ପରମ୍ପରା ଅନୁଯାୟୀ, ସନ୍ଧ୍ୟା ୫ଟାରେ ସମସ୍ତ ମେଢ଼ ପାରମ୍ପରିକ ବାଦ୍ୟ ଶୋଭାଯାତ୍ରା ମଧ୍ୟରେ ଚାନ୍ଦୋଳ ଫାଣ୍ଡିଛକ ସ୍ଥିତ ମେଳଣ ପଡ଼ିଆକୁ ସନ୍ଧ୍ୟା ୭ଟା ସୁଦ୍ଧା ପହଞ୍ଚି ଥିଲେ।

ଏହି ମେଳଣକୁ ଆସିବା ପାଇଁ ଥାନପତି ମେଢ଼ ପକ୍ଷରୁ ସମସ୍ତ ପୂଜା ମଣ୍ଡପକୁ ଫୁଲ ପାନ ଦିଆଯାଇ ନିମନ୍ତ୍ରଣ କରାଯାଇଥିଲା । ମେଳଣରେ ପହଞ୍ଚିବା ପରେ ଥାନପତିଙ୍କ ପକ୍ଷରୁ ସମସ୍ତ ମେଢ଼ ନିକଟରେ ଭୋଗଲାଗି କରାଯାଇଥିଲା। ମେଳଣ ପରେ କ୍ରମାନ୍ୱୟରେ ସମସ୍ତ ମେଢ଼କୁ ଶୋଭାଯାତ୍ରା ମଧ୍ୟରେ ନିଆଯାଇ ରାତି ୧୨ଟାରେ ବିସର୍ଜନ କରାଯାଇଥିଲା। ଚଳିତବର୍ଷ ଏହି ମେଳଣରେ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ଭିଡ଼କୁ ପରିଲକ୍ଷିତ କରି କେନ୍ଦ୍ରାପଡ଼ା ଏସ୍‌ଡ଼ିପିଓ ଜୟନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଦର ଥାନା ଅଧିକାରୀ ପବିତ୍ର ମହାରଣା, ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ଲାଟୁନ୍ ପୋଲିସ ମୁତୟନ ହୋଇଥିଲେ। ଚଳିତବର୍ଷ ମା'ଙ୍କ ପୂଜା ଓ ମେଳଣ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳୁନି ପ୍ରଧାନମନ୍ତ୍ରୀ ଫସଲ ବୀମା ଅର୍ଥ

## ବାତ୍ୟା ଯାଇ ପୁଣି ଆସିଲାଣି

**ରାଜନଗର, ୧୯।୧୦(ଡି.ଏନ.ଏ.)**

ବଙ୍ଗୋପସାଗର ତଟବର୍ତ୍ତୀ ରାଜନଗର ବ୍ଲକ ଏକ ନଦୀ ନାଳ ଘେରା ଅଞ୍ଚଳ। ସବୁବେଳେ ସମୁଦ୍ରରେ ସୃଷ୍ଟି ହେଉଥିବା ଝଡ ହେଉ କି ବାତ୍ୟା ଏ ଅଞ୍ଚଳବାସୀଙ୍କ ଆଖିରୁ କେବଳ ନିଦ ହଜାଇ ଦିଏ ନାହିଁ, ପରନ୍ତୁ ଚାଷୀଙ୍କ ବର୍ଷକର ଦାନା ମଧ୍ୟ ଛଡାଇ ନେଇଯାଏ। ୧୯୯୯ ମହାବାତ୍ୟା ପରେ ଅନେକ ବାତ୍ୟା ଆସିଛି। କିନ୍ତୁ ୨୦୨୧ ଜୱାଦ ବାତ୍ୟାରେ ରାଜନଗର ବ୍ଲକର ୨୯ଟି ପଞ୍ଚାୟତରେ ବ୍ୟାପକ ଧାନଚାଷ ନଷ୍ଟ ହୋଇଯାଇଥିଲା। ବାତ୍ୟା ଦ୍ୱାରା ମାସ ମାସ ଧରି ପାଚିଲା ଧାନ କ୍ଷେତ ବୁଡି ରହିଥିଲା। ଫଳରେ ଚାଷୀମାନେ ଧାର ଉଦ୍ଧାର, କରଜ କରି ଖରିଫ ଫସଲକୁ ଚାତକ ପରି ଚାହିଁ ବସିଥିଲେ। କିନ୍ତୁ ବାତ୍ୟା ଚାଷୀମାନଙ୍କର ଆଶା ଭରସାକୁ ମାଟିରେ ମିଶାଇଥିଲା। ବାତ୍ୟା ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଓ ବୀମା କମ୍ପାନୀ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ଚାଷ ଜମିରୁ କ୍ରପ କଟିଂ କରିବା ସହ କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ପ୍ରସ୍ତୁତ କରିଥିଲେ। ରାଜନଗର ବ୍ଲକର ରାଜସ୍ୱ ବିଭାଗ, କୃଷି ବିଭାଗ ଓ ଉଦ୍ୟାନ କୃଷି ବିଭାଗ ମିଳିତ ଭାବେ ସର୍ଭେ ରିପୋର୍ଟ କରିଥିଲେ। ଯେଉଁଥିରେ ୧୩,୭୮୧ ହେକ୍ଟର ଚାଷ ଜମିର ଫସଲ ଧୋଇ ହୋଇଯାଇଥିଲା। ରାଜ୍ୟ ସରକାର ରିପୋର୍ଟକୁ ଆଧାର କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନପୁଟ ସହାୟତା ବାବଦକୁ ୯କୋଟି ୩୭ଲକ୍ଷ ୪ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ବ୍ଲକର ୨୯ଟି ପଞ୍ଚାୟତର ପ୍ରାୟ ୪୦ ରୁ ଊର୍ଦ୍ଧ୍ୱ ପ୍ରତିଶତ କ୍ଷୟକ୍ଷତି ହୋଇଥିବା ଦର୍ଶାଯାଇଥିଲା। ସରକାରୀ ଇନପୁଟ ସହାୟତା ଚାଷୀଙ୍କୁ ମିଳିଥିବା ବେଳେ ପ୍ରଧାନମନ୍ତ୍ରୀ ଫସଲ ବୀମା ଅର୍ଥ ଏଯାଏଁ ମିଳି ପାରିଲା ନାହିଁ। ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିବା କମ୍ପାନୀ ବୀମା ଅର୍ଥ ଦେଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି।

ରାଜନଗର ଅଞ୍ଚଳର ଏକମାତ୍ର ଧାନଚାଷ ଉପରେ ନିର୍ଭର କରୁଥିବାରୁ ଚାଷୀଟିଏ ପରିବାରର ବର୍ଷକ ଦାନା ସଂଗ୍ରହ କରିଥାଏ। ଏହି ଚାଷରୁ ଉତ୍ପନ୍ନ ଧାନକୁ ବିକି ପିଲାମାନଙ୍କ ପାଠ ପଢା, କରଜ ଶୁଝିବା ସହ ବାହାଘର କରିଥାନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିବା ଏଚଡିଏଫ୍‌ସି ଆଗ୍ରୋ କମ୍ପାନୀ ରାଜନଗର ଅଞ୍ଚଳରେ କ୍ରପ କଟିଂ ସର୍ଭେ ରିପୋର୍ଟ ପ୍ରସ୍ତୁତ କରିଥିଲା। ନିୟମ ମୁତାବକ, ଏହି କମ୍ପାନୀ ପରିସଂଖ୍ୟାନ ବିଭାଗ, କୃଷି ଓ ରାଜସ୍ୱ ବିଭାଗର କର୍ମଚାରୀଙ୍କୁ ନେଇ କ୍ରପ କଟିଂ କରିବା କଥା। କିନ୍ତୁ କମ୍ପାନୀ ଏହି କର୍ମଚାରୀଙ୍କୁ ବାଦ୍ ଦେଇ ମନମୁଖି ଭାବେ କ୍ରପ କଟିଂ କରିଥିଲେ। କମ୍ପାନୀର କର୍ମଚାରୀମାନେ ଯେଉଁ ଅଞ୍ଚଳରେ କମ୍ କ୍ଷତି ହୋଇଥିଲା, ସେଠାରେ କ୍ରପ କଟିଂ କରିବାକୁ ନେଇ ଚାଷୀମାନେ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ବୀମା କମ୍ପାନୀର ସର୍ଭେ ରିପୋର୍ଟ କରିବାର ୧୦ ମାସରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ଟଙ୍କା ମିଳିନାହିଁ। ସବୁଠୁ ବଡକଥା ହେଲା ପ୍ରଧାନମନ୍ତ୍ରୀ ଫସଲ ବୀମା କରୁଥିବା ବୀମା କମ୍ପାନୀ ଋଣ ଅର୍ଥର ୨ ପ୍ରତିଶତ ହିସାବରେ ୭୪,୪୩,୯୩୦ ଟଙ୍କା ବୀମା ବାବଦକୁ ଚାଷୀଙ୍କଠାରୁ ଅଗ୍ରୀମ ନେଇଯାଇଛି।

ସୂଚନାଯୋଗ୍ୟ, ରାଜନଗର ବ୍ଲକରେ ୧୪ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ପକ୍ଷରୁ ୧୦,୫୬୧ ଚାଷୀଙ୍କୁ ୩୭,୨୧,୯୬,୫୦୨ ଟଙ୍କା ୨୦୨୧ ଖରିଫ ଋତୁରେ ଋଣ ପ୍ରଦାନ କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା କରୁଥିବା ବୀମା କମ୍ପାନୀ ଋଣ ଅର୍ଥର ୨ ପ୍ରତିଶତ ଅର୍ଥାତ୍ ୭୪,୪୩,୯୩୦ ଟଙ୍କା ବୀମା ଅର୍ଥ ବାବଦକୁ ନେଇଛି। ଜୱାଦ ବାତ୍ୟାରେ ଫସଲକୁ ହରାଇ ଚାଷୀ ମଣ୍ଡରେ ହାତ ଦେଇ ବସିଥିଲେ। ଏପରିସ୍ଥଳେ ଫସଲ କ୍ଷୟକ୍ଷତି ହୋଇଥିଲେ ମଧ ଚାଷୀଙ୍କୁ ବୀମା ଅର୍ଥ ଆଜି ଯାଏ ନ ମିଳିବା ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ରାଜନଗର ବ୍ଲକରେ ସମସ୍ତ ୨୯ଟି ପଞ୍ଚାୟତରେ ୩୩ ପ୍ରତିଶତରୁ ୫୦ ପ୍ରତିଶତ ମଧ୍ୟରେ ଖରିଫ ଧାନ ଫସଲ କ୍ଷତି ହୋଇଥିଲା। ସରକାରୀ ସର୍ଭେରେ ୧୩,୭୮୦ ହେକ୍ଟର ଖରିଫ ଧାନ ଫସଲ କ୍ଷୟକ୍ଷତି ହୋଇଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିବା ବୀମା କମ୍ପାନୀ କାହିଁକି ଆଜିଯାଏ ଚାଷୀଙ୍କୁ ଭୂଆଁ ବୁଲାଇ ଚାଲିଛି, ସେ ନେଇ ପ୍ରତିକ୍ରିୟା ବଢ଼ିବାରେ ଲାଗିଛି। ଏହି ପ୍ରସଙ୍ଗକୁ ନେଇ ଚାଷୀ ଏବେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଜବାଜ ହୋଇଛନ୍ତି।

## ସଂକ୍ଷେପରେ

ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

### ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ

ନାଉଗାଁ,୧୯।୧୦(ସ୍ୱ.ପ୍ର): ନାଉଗାଁ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ମନସ୍ୱିତା ମିଶ୍ରଙ୍କୁ ଦୁଇ ଜଣ ଯୁବକ କାର୍ଯ୍ୟାଳୟରେ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ଅଭିଯୋଗକୁ ଭିତ୍ତିକରି ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରାଯାଇଛି। ବ୍ଲକ କନିଷ୍ଠ ଯନ୍ତ୍ରୀ ମନସ୍ୱିତା ମିଶ୍ରଙ୍କ ଅଭିଯୋଗ ମୁତାବକ, ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୩ଟା ସମୟରେ ସେ କାର୍ଯ୍ୟାଳୟରେ କାମ କରୁଥିଲେ। ଏହି ସମୟରେ ନୂଆଗାଁ ପଞ୍ଚାୟତ ଗୋପାଳପୁର ଗାଁର ଲୁଲା ରାଏ ଓ କାଳିଆ ରାଉତ ପହଞ୍ଚି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧକ୍କା ମାରି କାର୍ଯ୍ୟରେ ପ୍ରତିବନ୍ଧକ ସାଜିଥିଲେ। ଏପରିକି ଜୀବନରୁ ମାରିଦେବାକୁ ତାଙ୍କୁ ଧମକ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏହାକୁ ଭିତ୍ତିକରି ପୋଲିସ ପକ୍ଷରୁ ମାମଲା (ନଂ.୨୩୦/୨୦୨୨) ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ନାଉଗାଁ ଥାନାଧିକାରୀ ଅନିରୁଦ୍ଧ ନାୟକ ସୂଚନା ଦେଇଛନ୍ତି।

### ଅଗ୍ନିକାଣ୍ଡରେ ଗୋଟିଏ ପରିବାର ବିପନ୍ନ

ରାଜନଗର, ୧୯।୧୦(ଡି.ଏନ.ଏ.): ରାଜନଗର ବ୍ଲକ କେରେକାଗଡ ଗାଁର ବଳରାମ ମଲ୍ଲିକଙ୍କ ଘରେ ଆକସ୍ମିକ ନିଆଁ ଲାଗି ଯାଇଥିଲା। ଏଥିରେ ଘରଟି ସମ୍ପୂର୍ଣ୍ଣ ପୋଡି ଯାଇଛି। ଘରର ସମସ୍ତ ଆସବାବପତ୍ର ପାଉଁଶ ହୋଇଯାଇଛି। ବିପନ୍ନ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଖବରପାଇ ରାଜନଗର ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ କମିଟି ସଭାପତି ଅଂଶୁମାନ ମହାନ୍ତି, ବିପନ୍ନ ପରିବାରକୁ ଭେଟି ଆର୍ଥିକ ସହାୟତା ଦେବା ସହ ସମବେଦନା ଜଣାଇଛନ୍ତି। ତାଙ୍କ ସହିତ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା, ଅଶୋକ କୁମାର ବଳ, ଧୀରେନ ନାୟକ, ରାଜକିଶୋର ପଣ୍ଡା, ଯୋଗେନ୍ଦ୍ର ଦାସ, ସମିତିସଭ୍ୟ ଅମର କୁମାର ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# ଦୀପାବଳି ପୂର୍ବରୁ ବାତ୍ୟା ଭୟ ବଢୁଛି

କେନ୍ଦ୍ରାପଡ଼ା ଅଫିସ, ୧୯।୧୦

- ବାଣ, ଦୀପ ଓ ସାମଗ୍ରୀ ବ୍ୟବସାୟ ଠପ୍ ଆଶଙ୍କା
- ଦୁଇବର୍ଷ କରୋନା କଟକଣା ପରେ ଆସିଥିଲା ଖୁସି

ଆସନ୍ତା ୨୨ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଉପକୂଳବର୍ତ୍ତୀ କେନ୍ଦ୍ରାପଡା ଜିଲାରେ ସମ୍ଭାବ୍ୟ ବାତ୍ୟାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ସଚେତନତା ଆରମ୍ଭ ହୋଇଛି। ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀଙ୍କୁ ଫେରି ଆସିବାକୁ ପ୍ରଚାର ପ୍ରସାର କରାଯାଉଛି। ଗୋଟିଏ ପଟରେ ସମ୍ଭାବ୍ୟ ବାତ୍ୟା ସ୍ଥାନୀୟ ଜିଲାବାସୀଙ୍କୁ ଅତଙ୍କିତ କରିଥିବା ବେଳେ ଆସନ୍ତା ୨୫ ତାରିଖ ଦୀପାବଳି ଉତ୍ସବ ଅଛି। ବାତ୍ୟା ଏହି ଉତ୍ସବକୁ ଛଡାଇ ନେବ ବୋଲି ଆଲୋଚନା ହେଉଛି। ଫଳରେ ବାଣ, ଦୀପ, କାଉଁରିଆ କାଠି ଓ ଅନ୍ୟ ସାମଗ୍ରୀ ବିକ୍ରିକୁ ନେଇ ପ୍ରସ୍ତୁତକାରୀ ଏବଂ ବ୍ୟବସାୟୀ ସନ୍ଦେହରେ ପଡିଛନ୍ତି। ଦୁଇବର୍ଷର କରୋନା ସଂକ୍ରମଣ କଟକଣା ପରେ ଚଳିତବର୍ଷ ଖୁସି ଆସିଥିବା ବେଳେ ବାତ୍ୟା ରୋଜଗାରକୁ ବନ୍ଦ କରିଦେବ ବୋଲି ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ସହର ନିକଟ ଗରାପୁରର ବାଣ ପ୍ରସ୍ତୁତକାରୀ ଭରତ ଦାସ କହିଛନ୍ତି, ଦୀର୍ଘ ଦୁଇବର୍ଷ ଧରି କୋଭିଡ୍ ୧୯ କଟକଣା ଆମ ଜୀବନକୁ ଦୁର୍ବିସହ କରିଥିଲା। ଏହି କଟକଣା ଚଳିତ ବର୍ଷ ହଟିଛି। ଗଣେଷ ପୂଜାଠାରୁ ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ଏବେ ବାହାଘର, ବ୍ରତ ଉତ୍ସବରେ ବାଣ ବ୍ୟବହାର ହେଉଛି। ଆସନ୍ତା ଦୀପାବଳି ଅମାବାସ୍ୟା ଆମ ବର୍ଷକ ରୋଜଗାରର ପ୍ରାୟ ୮୦ ଭାଗ ଭରଣା କରେ। ତେବେ ସମ୍ଭାବ୍ୟ ବାତ୍ୟା ଏହି ବ୍ୟବସାୟକୁ ବୁଡାଇବ। ଆର୍ଥିକ ଦୁର୍ଗତୀକୁ ମୁକାବିଲା କରିବା ଏବେ ଅତ୍ୟନ୍ତ କଷ୍ଟ ହେବ ବୋଲି ସେ କହିଛନ୍ତି। ଗରାପୁରର ମାଧବ ଚନ୍ଦ୍ର ଦାସ କହିଛନ୍ତି, ଜିଲାରେ ପ୍ରାୟ ୧୫୦୦ କାରିଗର ବାଣ ନିର୍ମାଣ କରୁଛନ୍ତି। କେତେଜଣ ବ୍ୟବସାୟୀ ଅଗ୍ରୀମ ଦେଇଛନ୍ତି। ତେବେ ଏହି ବ୍ୟବସାୟୀ ସମ୍ଭାବ୍ୟ ବାତ୍ୟାକୁ ନେଇ ଆଶଙ୍କା ପ୍ରକାଶ ସହ ଅଗ୍ରୀମ ଫେରାଇବାକୁ କହିଲେଣି। ଧାର କରଜ କରି ସମଗ୍ରୀ ଆଣି ବାଣ ପ୍ରସ୍ତୁତ ପରେ ବିକ୍ରି ନ ହେଲେ ଋଣ ଶୁଝିବା ଚିନ୍ତା ବଢ଼ିଯିବ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ଅଦ୍ୟାବଧି ବାଣ ବିକ୍ରି ପାଇଁ ଅନୁମତି ଦେଇ ନ ଥିବାରୁ ପରିବାରର ଭବିଷ୍ୟତ ଏବେ ଅନ୍ଧାର ଆଡକୁ ଗତି କରିବ। ଜଜାଙ୍ଗ ଗ୍ରାମର ଚକ୍ରଧର ବେହେରା କହିଛନ୍ତି, ଦୀପାବଳିରେ ଦୀପ ହେଉଛି ମୁଖ୍ୟ ସାମଗ୍ରୀ। ଏହି ପର୍ବକୁ ଲକ୍ଷ୍ୟ ରଖି ଜିଲାର ପ୍ରତ୍ୟେକ ଗ୍ରାମରେ ମାଟି ଦୀପ ନିର୍ମାଣ ହୋଇଛି। ଏବେ ବିକ୍ରି କରିବା ସମୟ ଆସିଛି। ମାତ୍ର ବାତ୍ୟା ଭୟ ଦୀପ ବେପାର ଉପରେ ଚଡକ ପକାଇଛି। ବାତ୍ୟା ପାଇଁ ୮୦ ଭାଗ ଦୀପ ବିକ୍ରି ହେବ ନାହିଁ ବୋଲି ସମ୍ଭାବନା ସୃଷ୍ଟି ହୋଇଛି। କେବଳ ବିଧି ପାଇଁ ଅଳ୍ପ କେତୋଟି ଦୀପ ଲୋକମାନେ କିଣୁଛନ୍ତି। ଏହାବ୍ୟତୀତ କେତେଜଣ ଲୋକ ଚିକିମିକ କରୁଥିବା ଚାଇନା ଦୀପୁ କିଣିବା ଦେଖାଯାଉଛି। ଫଳରେ କୌଳିକ ବୃତ୍ତି ଏବେ ସଙ୍କଟାପର୍ଣ୍ଣ ହୋଇଛି। ଦୀପାବଳି ପାଇଁ ବିଭିନ୍ନ ସାମଗ୍ରୀ ବ୍ୟବସାୟ କରୁଥିବା ସହରର ଖଡିଅଙ୍ଗସ୍ଥ ଭୀମସେନ ବେହେରା କହିଛନ୍ତି, ଏବେ କେନ୍ଦ୍ରାପଡ଼ାରେ କାଉଁରିଆ କାଠି ସଂଗ୍ରହ ପାଇଁ ମୁଳୁନାହିଁ। ଜିଲାରେ ନଳିତା ଚାଷ କମିଛି। ସେହିପରି ଦୀପାବଳି ପାଇଁ ବିଭିନ୍ନ ସାମଗ୍ରୀ ଯୋଗାଡ କରାଯାଇଥିବା ବେଳେ ଆସନ୍ତା ୩ରୁ ୪ଦିନ ମଧ୍ୟରେ ବାତ୍ୟା ହେବ ବୋଲି ପ୍ରଚାର ଆରମ୍ଭ ହୋଇଛି। ଯାହା ଏହି ବ୍ୟବସାୟୀଙ୍କ ବ୍ୟବସାୟକୁ ଘାଟା ପହଞ୍ଚାଇବ। ବାଣ ବ୍ୟବସାୟ ପାଇଁ କିଛି ସାମଗ୍ରୀ ଅଣାଯାଇଥିବା ବେଳେ ବିକ୍ରି ପାଇଁ ଏଯାଏ ଅନୁମତି ମିଳିନାହିଁ। କରୋନା ସଂକ୍ରମଣ ଜିଲା ଅର୍ଥନୀତିକୁ ନଷ୍ଟ କରିଥିବା ବେଳେ ଏବେ ସମ୍ଭାବ୍ୟ ବାତ୍ୟା ବେଡି ଉପରେ କୋରଡ ମାଡ ସଦୃଶ ହୋଇଛି।


କେନ୍ଦ୍ରାପଡ଼ାରେ ବାଣ ପ୍ରସ୍ତୁତ ହେଉଛି।

### କାର୍ଯ୍ୟାଳୟରେ କର୍ମଚାରୀଙ୍କୁ ମାଡ଼ ମାରି ୬ ଶ୍ରମିକ ନେତା ଗିରଫ

କେନ୍ଦ୍ରାପଡ଼ା ଅଫିସ, ୧୯।୧୦

କେନ୍ଦ୍ରାପଡ଼ା ଜିଲା ଶ୍ରମ ବିଭାଗ କାର୍ଯ୍ୟାଳୟରେ ପଶି ମାଡ ମାରିବା ଅଭିଯୋଗରେ ୬ ଜଣ ଶ୍ରମିକ ନେତା ବୁଧବାର ଗିରଫ ହୋଇଛନ୍ତି। ଗିରଫ ବ୍ୟକ୍ତିମାନେ ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ବଡହାଟର ମୁକ୍ତାର ଖାଁ, ପଟ୍ଟାମୁଣ୍ଡାଇ ଥାନା ଅଡିଅଣ୍ଟାର ପ୍ରକାଶ ଚନ୍ଦ୍ର ମହାନ୍ତି, ଡେରାବିଶ ଥାନା ବାଘିଲୋ ଗ୍ରାମର ଶିବପ୍ରସାଦ ନାଥ, ଅର୍ଦ୍ଧାମୂଳ ଗ୍ରାମର କାଞ୍ଚନବାଳା ସ୍ୱାଇଁ, ରାଜନଗର ଥାନା ମାଣପଡା ଗ୍ରାମର ଲତା ନାଥ ଓ ସାତଭାୟା ଗ୍ରାମର ସାବିତ୍ରୀ ସେଠୀ। ଜିଲା ଶ୍ରମ ଅଧିକାରୀ ହରପ୍ରିୟା ନାୟକଙ୍କ ଅଭିଯୋଗକ୍ରମେ ଏହି ଶ୍ରମିକ ନେତାଙ୍କୁ ସଦର ଥାନା ପୋଲିସ ନଂ. ୪୨୯/୨୨ରେ ମାମଲା ରୁଜୁ କରି ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶ୍ରମିକ ନେତାମାନେ କାର୍ଯ୍ୟାଳୟରେ କୌଣସି ଅଭିଯୋଗ ପତ୍ର ଦେବା ପୂର୍ବରୁ ପ୍ରଥମେ ଜିଲା ଶ୍ରମ ଅଧିକାରୀ ନାୟକ ଓ ପରେ ଉପଖଣ୍ଡ ଶ୍ରମ ଅଧିକାରୀ ମହେଶ୍ୱର ନାୟକ, କର୍ମଚାରୀ ସଂଗ୍ରାମ ସାହୁଙ୍କୁ ମାଡ ମାରିବା ସହ ଅଶାଳୀନ ଭାବେ ଗାଳିଗୁଲଜ କରିଥିଲେ। ଏପରିକି ଶ୍ରମ ଅଧିକାରୀଙ୍କୁ ହତ୍ୟା ଧମକ ଦେଇଛନ୍ତି।

# ୨୧ ସୁଦ୍ଧା ମତ୍ସ୍ୟଜୀବୀଙ୍କୁ ସମୁଦ୍ରରୁ ଫେରି ଆସିବାକୁ ପରାମର୍ଶ


ମତ୍ସ୍ୟବିଭାଗ ପକ୍ଷରୁ ପାରାଦୀପ ମାଛଧରା ବନ୍ଦର ପରିସରରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଉଛି।

ପାରାଦୀପ,୧୯।୧୦ (ସ୍ୱ.ପ୍ର.)

**ସମ୍ଭାବ୍ୟ ବାତ୍ୟା ସମ୍ପର୍କରେ ମତ୍ସ୍ୟ ବିଭାଗର ସତର୍କତା**

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ବାତ୍ୟା ହେବାର ଆଶଙ୍କା ରହିଛି। ସେଥିପାଇଁ ବୁଧବାର ମତ୍ସ୍ୟ ବିଭାଗ ପକ୍ଷରୁ ପାରାଦୀପ ମାଛଧରା ବନ୍ଦର ପରିସରରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଉଛି। ସମୁଦ୍ରରେ ଥିବା ମତ୍ସ୍ୟଜୀବୀମାନେ ୨୧ ତାରିଖ ସୁଦ୍ଧା କୂଳକୁ ଫେରି ଆସିବା ପାଇଁ ପରାମର୍ଶ ଦିଆଯାଇଛି। ମତ୍ସ୍ୟ ବିଭାଗ ସାମୁଦ୍ରିକ ଅଧିକାରୀ ମନୋରଞ୍ଜନ ମହାପାତ୍ର କହିଛନ୍ତି, ଆସନ୍ତା ୨୨ରୁ ବର୍ଷା ପବନ ସାଙ୍ଗକୁ କୁଆପଥର ପଡିବାର ସମ୍ଭାବ୍ୟ ସୂଚନା ଅଛି। ସେଥିପାଇଁ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ କୁହାଯାଇଛି।

### ବାଂଲା ଅନୁପ୍ରବେଶକାରୀଙ୍କ କବ୍‌ଜାରେ ସାତଭାୟା ଥଇଥାନସ୍ଥଳ

ରାଜନଗର, ୧୯।୧୦ (ଡି.ଏନ.ଏ.)

ବଙ୍ଗୋପସାଗର ତଟବର୍ତ୍ତୀ ରାଜନଗର ବ୍ଲକର ସମୁଦ୍ର କୂଳିଆ ଅଞ୍ଚଳରେ ୭୦ ଦଶକ ପରଠୁଁ ବାଲାଂ ଅନୁପ୍ରବେଶକାରୀଙ୍କର ଅବାଧ ପ୍ରବେଶ ଏଯାଏ ଜାରି ରହିଛି। ବାଲାଂ ଅନୁପ୍ରବେଶକାରୀଙ୍କ କବ୍‌ଜାରେ ବ୍ଲକର ଅଧିକାଂଶ ପଞ୍ଚାୟତ ୯୦ ଦଶକଠାରୁ ରହି ଆସୁଛନ୍ତି। ପଞ୍ଚାୟତ ନିର୍ବାଚନରୁ ଆରମ୍ଭ କରି ବିଭିନ୍ନ ପଦ ପଦବୀଙ୍କର ବାଲାଂ ଅନୁପ୍ରବେଶକାରୀଙ୍କୁ ଦେଖିବାକୁ ମିଳେ। ସମୁଦ୍ର ତଟବର୍ତ୍ତୀ ତଅପୋଇର ଗାଁ ସାତଭାୟାର ୭ଟି ଗାଁ ସାଗରରେ ଲୀନ ହେବା ପରେ ଅବଶିଷ୍ଟ ୫୭୧ଟି ସଂତ୍ରସ୍ତ ପରିବାରଙ୍କୁ ରାଜ୍ୟ ସରକାର ଭିଟାମାଟିରୁ ଉଠାଇ ଆଣି ବଗପାଟିଆଠାରେ ଥଇଥାନ କରିଛନ୍ତି। ସେମାନେ ଏଠାରେ ନୂଆ ଠିକଣା ବସବାସ କରୁଥିବା ବେଳେ ଏବେ ଏକ ବିବାଦ ସେମାନଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି। ବାଲାଂଦେଶରୁ ଆସି ଶରଣାର୍ଥୀ ଭାବେ ୭୦ ଦଶକ ପରଠୁଁ ଭିତରକନିକା ସୁନେଇ ରୁପେଇର ଘଞ୍ଚ ଜଙ୍ଗଲ ଭିତରେ ବନବାସୀ ଭାବେ ଚାରିଘରିଆ ଗ୍ରାମବାସୀ ରହି ଆସୁଛନ୍ତି। ୫ଟି ବାଲାଂଦେଶୀ ପରିବାରଙ୍କୁ ସାତଭାୟା ଥଇଥାନସ୍ଥଳ ବଗପାଟିଆରେ ସ୍ଥାୟୀ ଭାବେ ବସ୍‌ବାସ୍ କରିବାକୁ ରାଜସ୍ୱ ବିଭାଗ ଜାଗା ଚିହ୍ନଟ କରିଥିଲା। ଏ ନେଇ ସାତଭାୟାଙ୍କ ସମେତ ସମଗ୍ର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜନଗର ତହସିଲ ପକ୍ଷରୁ ୨୦୧୬ ମେ ୬, ଚିଠି ନଂ. ୨୪୪୫ରେ ତାରାପଦ ରପ୍ତାନୀ ବାଲାଂ ଅନୁପ୍ରବେଶକାରୀ ବୋଲି ସନ୍ଦେହ କରି ରାଜନଗର ଥାନାରେ ଏତଲା ଦିଆଯାଇଥିଲା। ତଦନ୍ତ ବେଳେ ତାରାପଦ ପାଖରୁ ଚାରିଘରିଆ ଏବଂ ପାରାଦୀପ ଦୁଇଟି ସ୍ଥାନରୁ ପରିଚୟ ମିଳିଥିଲା। ତାରାପଦ ପଶ୍ଚିମବଙ୍ଗର ନୁହେଁ, ବାଲାଂଦେଶରୁ ଆସିଥିବା ନେଇ ତଦନ୍ତ ବେଳେ ଜଣାପଡିଥିଲା। କିନ୍ତୁ ରାଜନୈତିକ ବଡପଣ୍ଡା ମାନେ ନିଜର ରାଜନୈତିକ ସ୍ୱାର୍ଥ ପାଇଁ ପ୍ରଶାସନିକ କଳ ଉପରେ ଚାପ ପକାଇ ସରକାରୀ ନାଳିଫିତା ତଳେ ଚାପି ଦେଇଥିଲେ। ସାତଭାୟାବାସୀଙ୍କ ଥଇଥାନ ପରେ ଚାରିଘରିଆର ୯୯ଟି ପରିବାରଙ୍କୁ ଥଇଥାନ ସ୍ଥଳରେ ବସବାସ କରିବାକୁ ତାରାପଦ ରପ୍ତାନୀଙ୍କ ସମେତ ହରିପଦ ରପ୍ତାନୀ, ନଳିନୀ ପ୍ରପ୍ତାନୀ, ମାୟା ଓ ଇତିକା ବାଲାଂଦେଶର ଅନୁପ୍ରବେଶକାରୀ ବୋଲି ସାତଭାୟାର ଡ. ଧରଣୀଧର ରାଉତ କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଅମୃତ ଋତୁରାଜ ଏ ଘଟଣାକୁ ପ୍ରାଥମିକତା ଦେବା ସହିତ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ଏହି ଘଟଣାର ସତ୍ୟାସତ୍ୟ ଏବଂ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ପାଇବା ପରେ ତହସିଲଦାର ଗୁପ୍ତି ରାଜସ୍ୱ ନିରୀକ୍ଷକ ବିଜୟ ଜେନାଙ୍କୁ ବାଲାଂ ଅନୁପ୍ରପ୍ରବେଶକାରୀ ଭାବେ ଚିତ୍ରଣ କରାଯାଉଥିବା ତାରାପଦ, ୨ଭାଇ ଓ ୩ଜଣ ପୁତୁରାଙ୍କ ସମ୍ପର୍କରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ନିରୀକ୍ଷକ ଜେନା ଚାରିଘରିଆରେ ରହୁଥିବା ତାରାପଦଙ୍କ ସମେତ ୫ଜଣଙ୍କୁ ପଚରା ଉଚରା କରିବା ସହ ସେମାନଙ୍କର ମୂଳ ତଥ୍ୟ ସଂଗ୍ରହ କରୁଛନ୍ତି। ଅପରପକ୍ଷରେ ସେମାନେ ଭାରତୀୟ ବୋଲି ପ୍ରମାଣିତ କରିବା ପାଇଁ ହାସଲ କରିନେଇଥିବା ଫଟୋ ପରିଚୟ ପତ୍ର, ଆଧାର, ରାଶନ କାର୍ଡ ଓ ଅନ୍ୟାନ୍ୟ ସରକାରୀ କାଗଜପତ୍ର ଦେଖାଇଛନ୍ତି। ଏ ସମ୍ପର୍କରେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ପଚାରିବାରୁ ନୂତନ ଭାବେ ଏଠାରେ ଯୋଗ ଦେଇଛି। ଅନୁଧ୍ୟାନ ରିପୋର୍ଟ ଆସିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଶିଶୁପୁତ୍ରକୁ ଗଛରେ ବାନ୍ଧି କାମକୁ ଯାଉଛନ୍ତି ମା'ବାପା


ଗଛରେ ବନ୍ଧା ଯାଇଥିବା ଶିଶୁପୁତ୍ର।

ପାରାଦୀପ,୧୯।୧୦ (ସ୍ୱ.ପ୍ର.)

ପାରାଦୀପ ଉପକଣ୍ଠ ଇଫ୍‌କୋ କାରଖାନା ସଂଲଗ୍ନ ବିଜୟଚନ୍ଦ୍ରପୁର ବସ୍ତିରେ ଗତ କିଛିଦିନ ହେବ ଗୋଟିଏ ଘଟଣା ସାଧାରଣ ଲୋକଙ୍କୁ ବ୍ୟଥିତ କରୁଛି। ମା'ବାପା ତାଙ୍କର ୧୦ ବର୍ଷୀୟ ଶିଶୁପୁତ୍ରଙ୍କୁ ଉଲଗ୍ନ ଅବସ୍ଥାରେ ରାସ୍ତା ପାଖ ଗଛରେ ବାନ୍ଧି କାମକୁ ଯାଉଛନ୍ତି। ପିଲାଟି ସାମାନ୍ୟ ମାନସିକ ବିକାରଗ୍ରସ୍ତ ଥିବା ଜଣାପଡ଼ିଛି। ତାକୁ ଚିକିତ୍ସା କରିବା ବଦଳରେ ସେମାନେ ଅମାନୁଷିକ ଭାବେ ଯନ୍ତ୍ରଣା ଦେଉଛନ୍ତି। କୌଣସି ବ୍ୟକ୍ତି ସାହାଯ୍ୟ କରିବା ପାଇଁ ଆସିଲେ ସେମାନଙ୍କୁ ସମ୍ପୃକ୍ତ ଶିଶୁର ମା'ବାପା ଗାଳି କରୁଛନ୍ତି ବୋଲି ସେଠାକାର ବିବେକାନନ୍ଦ ୟୁଥ କ୍ଲବ ସଭାପତି ଜଗନ୍ନାଥ ହାଲ୍‌ଦାର କୁହନ୍ତି। ଏହା ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ମଧ ଶିଶୁକୁ ଉଦ୍ଧାର ପାଇଁ ଉଦ୍ୟମ ହୋଇଥିଲା। କିନ୍ତୁ ମା'ବାପା ଛାଡି ନ ଥିଲେ।

# କର୍କଟ ରୋଗୀଙ୍କ ତଥ୍ୟ ଦେବା ବାଧ୍ୟତାମୂଳକ

ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)

**କ୍ୟାନସରକୁ 'ରିପୋର୍ଟେବଲ ଡିଜିଜ୍' ଘୋଷଣା କଲେ ରାଜ୍ୟ ସରକାର**

ଓଡ଼ିଶାରେ କ୍ୟାନ୍‌ସରକୁ 'ରିପୋର୍ଟେବଲ ଡିଜିଜ୍' ଭାବେ ରାଜ୍ୟ ସରକାର ବୁଧବାର ଘୋଷଣା କରିଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଦେଶରେ କର୍କଟ ରୋଗର ନିରାକରଣ, ନିୟନ୍ତ୍ରଣ ପାଇଁ ରୋଗୀଙ୍କ ତଥ୍ୟ ରଖିବା ବାଧ୍ୟତାମୂଳକ ବୋଲି ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍) ପକ୍ଷରୁ ସୁପାରିଶ କରାଯାଇଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କର୍କଟ ରୋଗକୁ ଗୁରୁତ୍ୱ ଦେବା ସହିତ ରୋଗୀଙ୍କ ତଥ୍ୟ ଦେବା ବାଧ୍ୟତାମୂଳକ କରିଛନ୍ତି।

ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି, ରାଜ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ କର୍କଟ ରୋଗୀଙ୍କ ତଥ୍ୟ ଠିକ୍ ଭାବେ ରହୁନାହିଁ। ଏପରିକି ବହୁତ ରୋଗୀଙ୍କ ତଥ୍ୟ ମଧ ସାମ୍ନାକୁ ଆସୁନାହିଁ। ଏହି ରୋଗକୁ ଶୀଘ୍ର ଚିହ୍ନଟ ସହ ଚିକିତ୍ସା କରିବା ପାଇଁ ସମସ୍ତ କର୍କଟ ରୋଗୀ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବା ଉଚିତ। ସମସ୍ତ ହସ୍ପିଟାଲ, ପାଥୋଲୋଜିକାଲ୍, କ୍ଲିନିକାଲ୍ ଏବଂ ରେଡିଓଲୋଜିକାଲ୍ ଲାବ୍, ମେଡିକାଲ ଶିକ୍ଷା ପ୍ରଦାନ କରୁଥିବା ଅନୁଷ୍ଠାନ, ପାଲିଏଟିଭ୍ କେୟାର କର୍ତ୍ତୃପକ୍ଷ କର୍କଟ ରୋଗୀଙ୍କ ସମସ୍ତ ତଥ୍ୟ ଦେବାକୁ ବାଧ୍ୟ କରାଯାଇଛି। ସମସ୍ତ ଡାକ୍ତର, ପାଥୋଲୋଜିଷ୍ଟ, ହସ୍ପିଟାଲଗୁଡ଼ିକ ରୋଗ ଚିହ୍ନଟ ହେବାର ଦୁଇ ସପ୍ତାହ ମଧ୍ୟରେ ତଥ୍ୟ ଦେବାକୁ କୁହାଯାଇଛି। ବିଜ୍ଞପ୍ତି ଜାରି ହେବାଦିନଠାରୁ ଏହି ନିୟମକୁ ମାନିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

### ରେଲୱେ ଠିକାଶ୍ରମିକଙ୍କ ଧାରଣା

ପାରାଦୀପ, ୧୯।୧୦ (ସ୍ୱ.ପ୍ର.)

ପାରାଦୀପ ରଙ୍ଗିଆଗଡ ପୁରୁଣା ରେଲୱେ ଷ୍ଟେଶନଠାରେ ବୁଧବାର ୫୭ ଜଣ ଠିକା ଶ୍ରମିକ କିଛି ସମୟ ପାଇଁ କାର୍ଯ୍ୟବନ୍ଦ କରି ଧାରଣା ଦେଇଥିଲେ। ସେମାନଙ୍କ ଦାବି ମୁତାବକ, ୭ ଜଣ ଶ୍ରମିକଙ୍କୁ ଠିକା ସଂସ୍ଥା ବିନା କାରଣରେ କାମରୁ ବାହାର କରିଦେଇଛି। ୧୭ ବର୍ଷ ଧରି ରନିଂ ରୁମ୍‌ରେ କାମ କରିବା ପରେ ଏଭଳି ଛଟେଇକୁ ବିରୋଧ କରି ଧାରଣା ଦିଆଯାଇଛି ବୋଲି ଶ୍ରମିକ ଯୋଜନା ବରାଲ କହିଛନ୍ତି। ଠିକାସଂସ୍ଥା ଆସନ୍ତା ନଭେମ୍ବର ପହିଲା ସୁଦ୍ଧା ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଶ୍ରମିକ କର୍ଣ୍ଣଧର ସ୍ୱାଇଁ କହିଛନ୍ତି।


ରଙ୍ଗିଆଗଡ଼ ପୁରୁଣା ରେଲୱେ ଷ୍ଟେଶନଠାରେ ଶ୍ରମିକମାନେ ଧାରଣାରେ ବସିଛନ୍ତି।

# ଆନ୍ତଃରାଜ୍ୟ ଟ୍ରକ୍ ଚୋରି ର୍‌ୟାକେଟର ପର୍ଦ୍ଦାଫାଶ

ରସୁଲପୁର,୧୯।୧୦(ଡି.ଏନ.ଏ.)


ଖବରଦାତା ସମ୍ମିଳନୀରେ ପୋଲିସ ଅଧିକାରୀଙ୍କ ସହ ଗିରଫ ଅଭିଯୁକ୍ତମାନେ।

- ୭ ଗିରଫ, ୧୦ ଚକିଆ ଟ୍ରକ୍, ୨.୦୩ ଲକ୍ଷ ଟଙ୍କା, ସ୍କାର୍ପ, ଗ୍ୟାସ କଟର, ୭ ମୋବାଇଲ, ଏକ ସୁଇଫଟ୍ କାର ଓ ବାଇକ୍ ଜବତ
- ୬ଟି ଟ୍ରକ୍ ଚୋରିରେ ଅଭିଯୁକ୍ତ ସମ୍ପୃକ୍ତ ଥିବା ସୂଚନା

ରାଜ୍ୟର ୪ ଥାନା ଅଞ୍ଚଳରୁ ୬ ଟ୍ରକ୍ ଚୋରି କରିଥିବା ଏକ ର୍‌ୟାକେଟ୍‌କୁ ପୋଲିସ ଠାବ କରିଛି। ଏହି ଘଟଣାରେ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ କୁଆଖିଆ ଥାନା ଅଞ୍ଚଳରୁ ଚୋରି ହୋଇଥିବା ଏକ ୧୦ ଚିକିଆ ଟ୍ରକ୍, ୨.୦୩ ଲକ୍ଷ ଟଙ୍କା, ଟ୍ରକ୍‌ଗୁଡ଼ିକରୁ ବାହାରିଥିବା ସ୍କାର୍ପ, ଟ୍ରକ୍ କାଟିବାରେ ବ୍ୟବହୃତ ଗ୍ୟାସ୍ କଟର, ୭ଟି ମୋବାଇଲ ଫୋନ୍, ଚୋରିରେ ବ୍ୟବହୃତ ଏକ ସୁଇଫ୍ଟ ଡିଜାୟାର କାର୍ ଏବଂ ଏକ ବାଇକ୍‌କୁ ପୋଲିସ ଜବତ କରିଛି। ବୁଧବାର ସନ୍ଧ୍ୟାରେ ଯାଜପୁର ଜିଲା କୁଆଖିଆ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯାଜପୁର ରୋଡ୍ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଘଟଣା ସମେତ ଅଭିଯୁକ୍ତମାନେ ରାଜ୍ୟର ବିଭିନ୍ନ ସ୍ଥାନରୁ ଏକାଧିକ ଟ୍ରକ୍ ଚୋରିରେ ସାମିଲ ଥିବା ସନ୍ଦେହ କରାଯାଉଛି। ସେହି ଆଧାରରେ ବିଭିନ୍ନ ଥାନା ଅଞ୍ଚଳରେ ଘଟିଥିବା ଘଟଣା ସମ୍ପର୍କରେ ଥାନା ଅଧିକାରୀମାନେ ତଦନ୍ତ ଜାରି ରଖିଛନ୍ତି।

ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲା ଅସ୍ତରଙ୍ଗ ବଜାରର ଗୁରୁ ଓରଫ୍ ସୂର୍ଯ୍ୟକାନ୍ତ ନାୟକ। ଧର୍ମଶାଳା ଥାନା ଥାନୁଆଳ ଅଞ୍ଚଳର ସିପନ ଓରଫ୍ ସତ୍ୟପ୍ରକାଶ ଦୋରା(୨୧), ଗଗନ ଓରଫ୍ ସତ୍ୟରଞ୍ଜନ ଦୋରା(୨୧), ଦୀପକ ଦେହୁରୀ(୨୦), ନୂଆଗାଁ ଅଞ୍ଚଳର ସୋନୁ ଓରଫ୍ ଶ୍ରୀନିବାସ ଦୋରା(୨୨), ଟ୍ରକ୍ କିଣିଥିବା ପୁରୀ ଜିଲା ବନମାଳିପୁର ଥାନା ଅଞ୍ଚଳର ସୋନି ଓରଫ୍ ସୁନୀଲ ମାଣିକ(୩୫) ଓ ଟ୍ରକ୍ ଚୋରି କାରବାରରେ ମଧ୍ୟସ୍ଥି କରୁଥିବା ପୁରୀ ଜିଲା ନିମାପଡ଼ା ଥାନା ଚାରିଛକ ଓରାପାଟ ଅଞ୍ଚଳର ମନୋରଞ୍ଜନ ବେହେରା(୨୩)। କୁଆଖିଆରୁ ଚୋରି ଟ୍ରକ୍‌କୁ ସୂର୍ଯ୍ୟକାନ୍ତ ନେଇ ସୁନୀଲଙ୍କୁ ବିକ୍ରି କରିଥିଲେ। ବାକି ୫ଟ୍ରକ୍‌କୁ ଅନ୍ୟ ଅଭିଯୁକ୍ତ ଚୋରି କରି ସୂର୍ଯ୍ୟକାନ୍ତଙ୍କୁ ବିକ୍ରି କରିଥିଲେ। ସୂର୍ଯ୍ୟକାନ୍ତଙ୍କ ଅସ୍ତରଙ୍ଗରେ ଏକ ସ୍କ୍ରାପ୍ ଦୋକାନ ରହିଛି। ଚୋରି ଟ୍ରକ୍‌ଗୁଡ଼ିକୁ ସେଠାରେ କାଟି ବିକ୍ରି କରି ଦିଆଯାଉଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ(ଯିଏକି ଟ୍ରକ କିଣିଥିଲେ) ଗୋପ ଥାନା ଅଞ୍ଚଳର ସେକ୍ ରିଆଜୁଲ ହକ୍(୩୦) ଫେରାର ଅଛନ୍ତି। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି।

ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର୍‌ଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କୁଆଖିଆ ଥାନା ଅଧିକାରୀ ଶିବଚରଣ ବେହେରା, ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ, ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ପ୍ରମୁଖ ଟ୍ରକ୍ ଚୋରି ଘଟଣାରେ ତଦନ୍ତ କରିଥିଲେ। ସେପ୍ଟେମ୍ବର ଓ ଅକ୍ଟୋବରରେ ଯାଜପୁର ଜିଲାର ଜେନାପୁର ଥାନା ଅଞ୍ଚଳରୁ ୨ଟି, ଧର୍ମଶାଳା, କୁଆଖିଆ, ପୁରୀ ଜିଲା ଅସ୍ତରଙ୍ଗ ଓ ଗୋପ ଥାନା ଅଞ୍ଚଳରୁ ଗୋଟିଏ ଲେଖାଏ ଟ୍ରକକୁ ମିଶାଇ ମୋଟ୍ ୬ ଟ୍ରକ୍ ଚୋରି ହୋଇଥିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା। ଏହି ମାମଲାକୁ ବିଭିନ୍ନ ଥାନା ପକ୍ଷରୁ ତଦନ୍ତ ଆରମ୍ଭ କରାଯାଉଛି। ଚଳିତ ମାସ ୧୫ତାରିଖ ରାତିରେ କୁଆଖିଆ ଥାନା ଅଧୀନ ୧୬ନଂ.ଜାତୀୟ ରାଜପଥର ବିଜୁନଗର ନିକଟରୁ ଏକ ୧୦ ଚକିଆ ଟ୍ରକ ଚୋରି ହୋଇଥିଲା। ଏନେଇ ଉକ୍ତ ଥାନା ଅନ୍ତର୍ଗତ ଚଣ୍ଡିପୁର ଗ୍ରାମର ଟ୍ରକ୍ ମାଲିକ ବିଜୟ ସାହୁ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଟ୍ରକଟିକୁ ପୋଲିସ ଅକ୍ଷତ ଭାବେ ଜବତ କରିବାକୁ ସକ୍ଷମ ହୋଇଥିବା ବେଳେ ଅନ୍ୟ ୫ଟି ଡମ୍ପରକୁ ଅଭିଯୁକ୍ତମାନେ କାଟି ସ୍କାର୍ପରେ ପରିଣତ କରିଛନ୍ତି। ଏ ନେଇ ପୋଲିସ ପକ୍ଷରୁ ଅଧିକ ଛାନଭିନ୍ନ ଜାରି ରହିଛି। ଅଭିଯୁକ୍ତମାନଙ୍କ ପୂର୍ବରୁ ଆଉ କେଉଁ ସବୁ ଘଟଣା ସହ ସମ୍ପୃକ୍ତି ରହିଛି ସେ ଦିଗରେ ଅଧିକ ପଚରାଉଚରା କରାଯାଉଛି।

# ଯାଜପୁର ସହର ମୁଖ୍ୟରାସ୍ତା ଯାତାୟାତ ଅନୁପଯୋଗୀ

ଯାଜପୁର ଟାଉନ,୧୯।୧୦(ଡି.ଏନ.ଏ.)

ଯାଜପୁର ସହରର ଅନେକ ରାସ୍ତାକୁ ପୌରସଂସ୍ଥାଠାରୁ ପୂର୍ତ୍ତ ବିଭାଗ ହାତକୁ ନେଇଛି। କିନ୍ତୁ ବିଭାଗ ପକ୍ଷରୁ ରକ୍ଷଣାବେକ୍ଷଣ ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଉ ନ ଥିବାରୁ ମୁଖ୍ୟ ରାସ୍ତା ସମେତ ଅନ୍ୟ ରାସ୍ତାଗୁଡ଼ିକ ଯାତାୟାତ ପାଇଁ ଅନୁପଯୋଗୀ ହୋଇପଡ଼ିଛି। ସହରର ଗରିଆପୁରରୁ ବିରଜାହାଟ ପର୍ଯ୍ୟନ୍ତ ନିର୍ମିତ ରାସ୍ତାଗୁଡ଼ିକ ଅଠରନଳା, ଦେବୀଦ୍ୱାର, କୁଆଁସରପୁର ଛକ, ଶୁଭସ୍ତମ୍ଭ ଛକ, ଯୋଡ଼ିକୂଅ, ଅମ୍ବିକାଇ, ଶୀତଳେଶ୍ୱର, ବିରଜାହାଟ ଆଦି ବିଭିନ୍ନ ସ୍ଥାନରେ କଂକ୍ରିଟ ଉଠିଯାଇ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି।

ଦୀର୍ଘମାସ ହେଲା ଏ ସମସ୍ୟା ଲାଗିରହିଥିବାରୁ ୨ଚକିଆ, ୩ ଚକିଆ ଓ ୪ ଚକିଆ ଯାନ ଗୁଡ଼ିକ ଯାତାୟାତବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବର୍ଷା ସମୟରେ ରାସ୍ତା ଉପରେ ପାଣି ରହି ଖାଲ ଦେଖାଯାଉ ନ ଥିବାରୁ


ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି।

ପଥଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖାଲ ଛୋଟ ଥିବାବେଳେ ତତ୍କାଳ ମରାମତି କରାଯାଇଥିଲେ ଏତେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିନଥାନ୍ତା। ଏବେ ସରକାରଙ୍କ ବିପୁଳ ରାଜସ୍ୱକୁ ରାସ୍ତା ମରାମତି ପାଇଁ ବ୍ୟୟ କରାଯିବ। ମହାବୀର ଛକ-ଯୋଡ଼ିକୂଅ ଛକ ରାସ୍ତାର ଟିଭିଏସ ଛକ ମୁସଲମାନ ବସ୍ତି ନିକଟରେ ୭/୮ ମାସ ପୂର୍ବରୁ ରାସ୍ତା ଭାଙ୍ଗିଯାଇ ଗର୍ତ୍ତ ହୋଇଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ପରେ ମାତ୍ର ୩୦ ଫୁଟ୍ ରାସ୍ତାକୁ କଂକ୍ରିଟ କରାଯାଇଥିଲା। କିନ୍ତୁ ମହାବୀର ଛକ ପାର୍ଶ୍ୱକୁ ପୂର୍ବ ରାସ୍ତା ସହିତ ମିଶାଇବା ପରିବର୍ତ୍ତେ ଅଧାରୁ ଛାଡି ଦିଆଯାଇ ବଜୁରି ଗୁଣ୍ଡ ପକାଇ ପ୍ୟାକିଂ କରାଯାଇଥିଲା। ଏ ରାସ୍ତାରେ ପ୍ରତିଦିନ ୪୦/୫୦ ଟନ ବିଶିଷ୍ଟ ହାଇୱା ସମେତ ଭାରୀଯାନଗୁଡ଼ିକ ଯାତାୟାତ

### ପୂର୍ତ୍ତ ବିଭାଗର ନିଘା ନାହିଁ

ଯୋଗୁ ଅଳ୍ପଦିନରେ ରାସ୍ତା ଆହୁରି ଅଧିକ କ୍ଷତିଗ୍ରସ୍ତ ହୋଇପଡ଼ିଲାଣି। ଏହାବାଦ ସହରର ବିଭିନ୍ନ ସ୍ଥାନରେ ନୂଆ ଓ ପୁରୁଣା ରାସ୍ତା ଖାଲଖମା ହୋଇପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ମୁଖ୍ୟ କେନାଲର ଦକ୍ଷିଣପାର୍ଶ୍ୱ ରାସ୍ତାର ମାନସାପୋଲରୁ ବୈଦ୍ୟରାଜପୁର ଯାଏ ସଦ୍ୟ ଭାବେ ନିର୍ମିତ ପିଚୁ ରାସ୍ତାର ବହୁ ସ୍ଥାନ ଭାଙ୍ଗିଗଲାଣି। ଏ ରାସ୍ତାରେ ଭାରିଯାନ ଯାତାୟାତ ବ୍ୟବସ୍ଥା ନଥିବା ବେଳେ କେବଳ ହାଲକା ଯାନ ବିଶେଷ କରି ଛୋଟ ଚାରିଚକିଆ ଯାନ ଯାତାୟାତ ମଧ୍ୟରେ ରାସ୍ତା ଦୂରାବସ୍ଥା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୂର୍ତ୍ତ ବିଭାଗ ଯାଜପୁର ସବଡିଭିଜନର ଇନଚାର୍ଜରେ ଥିବା ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଶାନ୍ତ ଦାଶଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରିନାହିଁ।

# ଜିଲା ପୋଲିସ ମୁଖ୍ୟାଳୟ ଘେରାଉକୁ ୨୦ ଦଳିତ ସଂଗଠନର ସମର୍ଥନ

ପାଣିକୋଇଲି,୧୯।୧୦(ଡି.ଏନ.ଏ.)

ଯାଜପୁର ଜିଲାରେ ଦଳିତ-ଆଦିବାସୀ, ସଂଖ୍ୟାଲଘୁଙ୍କ ଉପରେ ଜାତିଗତ ନିର୍ଯାତନା, ପ୍ରଶାସନିକ ଅବହେଳା ଓ ପକ୍ଷପାତିତା ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଥାନାଧିକାରୀ ଶ୍ରବଣ କୁମାର ମହାରଣାଙ୍କ ଗିରଫ ଦାବିରେ ଆସନ୍ତା ୨୨ ତାରିଖରେ ଯାଜପୁର ଜିଲା ପୋଲିସ ମୁଖ୍ୟାଳୟ ଘେରାଉ କରାଯିବ। ଏଥିରେ ୨୦ଟି ସଂଗଠନ ସାମିଲ ହେବ ବୋଲି ସମର୍ଥନ ଜଣାଇଛନ୍ତି। ଥାନାଧିକାରୀଙ୍କ ନାମରେ ନିଜ ଥାନାରେ ମହିଳାଙ୍କୁ ଅସଦାଚରଣ ମାମଲା ହୋଇଥିବାରୁ ତାଙ୍କୁ ଗିରଫ ଓ ବହିଷ୍କାର କରିବା ପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟରେ ଦାବି କରାଯାଇଥିଲା। ମାତ୍ର ରାଜନୈତିକ ଚାପରେ ତାଙ୍କୁ ସୁରକ୍ଷା ଦିଆଯାଉଛି। ସେହିପରି ପୋଲିସ ପ୍ରଭାବଶାଳୀ ଅଭିଯୁକ୍ତଙ୍କ ଛାଇ ଛୁଇଁ ପାରୁନାହିଁ। ତେଣୁ ନ୍ୟାୟ ପାଇଁ ଏହି ଆନ୍ଦୋଳନ କରାଯିବ। ମାତ୍ର ଆନ୍ଦୋଳନ ପାଇଁ ଜିଲା ପୋଲିସ ମାଇକ୍ ସାଉଣ୍ଡ ଅନୁମତି ଦେଇନାହିଁ। ଆମ୍ବେଡକର ଲୋହିଆ ବିଚାର ମଞ୍ଚ, ଜାତୀୟ ଦଳିତ ଆଦିବାସୀ ମହାସଂଘ, ଜାତୀୟ ମାନବିକ ଅଧିକାର କର୍ମୀ, ଦଳିତ ବିକାଶ ପରିଷଦର ଜଗତ୍‌ସିଂହପୁର, ଜାତୀୟ ମାନବିକ ଅଧିକାର କର୍ମୀ, ଭୀମ୍ ସେନା, ଭୀମ୍ ଆର୍ମୀ, ମୂଳନିବାସୀ ସମତା ଯୁବ ପରିଷଦ, ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ଦଳିତ ଅଧିକାର ମଞ୍ଚ, ସାମାଜିକ ନ୍ୟାୟ ଅଭିଯାନ, ଆମ୍ବେଡକର ଫାଉଣ୍ଡେଶନ, ସିପିଆଇଏମ୍ ବରୀ ଦଳିତ ବିକାଶ ପରିଷଦ, ଏପିଆଇ, ଆର୍‌ପିଆଇ, ଭାରତ ମୁକ୍ତି ମୋର୍ଚ୍ଚା, ବିଏସ୍‌ପି, ଫୁଲେ୍ ଆମ୍ବେଡକର ବିକାଶ ପରିଷଦ ଜଗତ୍‌ସିଂହପୁର, ଭୀମ୍ ଜାଗରଣ ମଞ୍ଚ କନ୍ଦ୍ରାପଡ଼ା ପ୍ରମୁଖ ସମର୍ଥନ ଜଣାଇଛନ୍ତି ବୋଲି ଏହାର ସଂଯୋଜକ ମନୋରଞ୍ଜନ ଜେନା ପକାଶ କରିଛନ୍ତି।

## ଖୁଡ଼ୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ପୁତୁରା ଗିରଫ

ଆନନ୍ଦପୁର,୧୯।୧୦(ସ୍ୱ.ପ୍ର.):କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ସମ୍ପର୍କୀୟ ଖୁଡ଼ୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ଅଭିଯୋଗରେ ପୁତୁରାକୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବିଜୟ ମହାନ୍ତ। ପୋଲିସ ସୂଚନା ମୁତାବକ ନିଜ ସମ୍ପର୍କୀୟ ଖୁଡ଼ୀଙ୍କର ମୋବାଇଲରେ ଥିବା ଫେସ୍‌ବୁକ୍ ଆପ୍‌କୁ ଅପଡେଟ୍ କରିବା ବାହାନାରେ ମୋବାଇଲରେ ଥିବା ଅଶ୍ଳୀଳ ଫଟୋକୁ ଅଭିଯୁକ୍ତ ଭାଇରାଲ କରି ଦେଇଥିଲେ। ଏ ନେଇ ପାଡ଼ିତା ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୬୪/୨୨ରେ ମାମଲା ରୁଜୁ କରି ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କ ମୋବାଇଲ୍ ଯାଞ୍ଚ କରିଥିଲା। ପରେ ମୋବାଇଲ, ସିମ୍‌କାର୍ଡ଼କୁ ଜବତ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ବିଜୟ ନିଜ ଖୁଡ଼ୀର ବିୟୋଗରେ ମୁଖାଗ୍ନି ଦେଇଥିବା ବେଳେ ଖୁଡ଼ିର ନବମୀ କ୍ରିୟା ଦିନ ଗିରଫ ହୋଇ ଦଶାହରେ କୋର୍ଟଚାଲାଣ ହୋଇଥିଲେ। ଫଳରେ ଖୁଡ଼ୀଙ୍କ ଦଶାହ କ୍ରିୟାକର୍ମରେ ଯୋଗଦେଇ ପାରି ନ ଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ


ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ସିଂହପୁର,୧୯।୧୦(ଡି.ଏନ.ଏ.)

ସିଂହପୁର ନିକଟବର୍ତ୍ତୀ ବରୀ ବ୍ଲକ ଅନ୍ତର୍ଗତ ମଧୁସୁଦନପୁର ସରକାରୀ ନୋଡାଲ ଉପ୍ରା ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଆତଙ୍କ ନାଶନ ହାଇସ୍କୁଲ ପ୍ରଧାନଶିକ୍ଷକ ଅଶୋକ କୁମାର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅଙ୍ଗାଲୋର ଲକ୍ଷ୍ମଣ ବାଲାଜୀଉ ଡିଗ୍ରୀ କଲେଜର ଅଧ୍ୟକ୍ଷ ଜୟଦେବ ଆଟୋଇ, ମୁଖ୍ୟ ବକ୍ତା ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର କୁମର ବର ଦାସ, ସମ୍ମାନିତ ଅତିଥି ଶିକ୍ଷାବିତ ପ୍ରବୋଧ କୁମାର ସାମଲ, ପ୍ରଧାନଶିକ୍ଷୟିତ୍ରୀ ଶକୁନ୍ତଳା ପଣ୍ଡା, ସିଆରସିସି ନିକୁଞ୍ଜ ବିହାରୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଶହେରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ରହି ସଂଗୀତ, ନୃତ୍ୟ ଓ ଅନ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ କୁମରବର ସାମଲ, ଦେବେନ୍ଦ୍ର ସୁତାର, ପତିତପାବନ ମଲିକ, କମଳିନି ସାମଲ, ରୋଜୀନା ପଣ୍ଡା, ପ୍ରଶନ୍ନ ଦାସ, ସୁବ୍ରତ ଧଳ, ଦାମିନୀ ପ୍ରଭା ସାମଲ, ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଜୟ ସାମଲ, ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ସଞ୍ଜୟ ସାମଲ ଧନ୍ୟବାଦ ଦେଇଥିଲେ।

## ଜାଲ ଦସ୍ତଖତରେ ସରକାରୀ ଟଙ୍କା ଉଠାଣ

ବସ୍ତା, ୧୯।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଏସ୍‌ବିଆଇ ମୁକୁଲିସି ଶାଖାରେ ଜାଲ ଦସ୍ତଖତରେ ସରକାରୀ ଟଙ୍କା ଉଠାଣ କରାଯାଇଥିବା ଅଭିଯୋଗ ହୋଇଛି। କଇନଗରୀ ପଞ୍ଚାୟତ ଡୁବୁଲିଆ ଅଙ୍ଗନୱାଡି ୧ ସେଣ୍ଟର କର୍ମୀ ମୌସୁମୀ ଜେନା ୫ବର୍ଷ ତଳେ କଇନଗରୀ ପଞ୍ଚାୟତର ତତ୍କାଳୀନ ସରପଞ୍ଚ କାବେରୀ ସୀଙ୍କ ସହିତ ଯୁଗ୍ମ ଆକାଉଣ୍ଟ ଖୋଲିଥିଲେ। ୨୦୨୨ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ୱାର୍ଡମେମ୍ବରମାନଙ୍କର ପରିବର୍ତ୍ତନ ହେଲା ଏବଂ ମାର୍ଚ୍ଚ ୧୧ରେ ସେମାନେ କାର୍ଯ୍ୟଭାର ଗ୍ରହଣ କଲେ। ସରକାରୀ ନିୟମ ଅନୁସାରେ ଏସ୍‌ଏନ୍‌ପି ଆକାଉଣ୍ଟ ଅଙ୍ଗନୱାଡି କର୍ମୀ ଏବଂ ନୂତନ ୱାର୍ଡମେମ୍ବରଙ୍କ ସହିତ ଆକାଉଣ୍ଟ ଅପଡେଟ୍ କରି ବ୍ୟାଙ୍କରୁ ଟଙ୍କା ଉଠାଇବା କଥା। ମାତ୍ର ତାହା ଅଦ୍ୟାବଧି କରା ନ ଯାଇ ପୁରୁଣା ସରପଞ୍ଚଙ୍କ ସହିତ ଯୁଗ୍ମ ଖାତାରୁ ଟଙ୍କା ଉଠାଚାଲିଛି। ଏଥିସହ ବସ୍ତା ସିଡିପିଓଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଫଳରେ ଆଜି ପର୍ଯ୍ୟନ୍ତ ବ୍ୟାଙ୍କରୁ ବେନିୟମ ଭାବରେ ଟଙ୍କା ଉଠାଚାଲିଛି। ମାର୍ଚ୍ଚରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ୮୧, ୫୦୦ ଟଙ୍କା ଉଠାଯାଇଥିବା ବ୍ୟାଙ୍କ ଷ୍ଟେଟମେଣ୍ଟରୁ ଜଣାପଡ଼ିଛି।

# ଓଳାଶୁଣୀ ପୀଠରେ ସାଧୁ ସମାବେଶ


ସମାବେଶରେ ଯୋଗଦେଇଥିବା ସାଧୁସନ୍ଥ।

ବାଲିଚନ୍ଦ୍ରପୁର,୧୯।୧୦(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ପଲେଇ ପଞ୍ଚାୟତସ୍ଥିତ ଓଳାଶୁଣୀ ପାହାଡ଼ର ପୂର୍ବପଟ ପାଦଦେଶରେ ଥିବା ମା'ଓଳାଶୁଣୀ ପୀଠରେ ବୁଧବାର ଏକ ସାଧୁ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମା'ଓଳାଶୁଣୀଙ୍କ ହୋମଯଜ୍ଞ, ଷୋଡ଼ଷ ଉପଚାର ପୂଜା, ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ପୀଠରେ ପୂଜାର୍ଚ୍ଚନା ଓ ସାଧୁ ସନ୍ଥଙ୍କର ସମୂହ ଆଳତୀ ଓ ଦୀପଦାନ ଆଦି କାର୍ଯ୍ୟକ୍ରମ ପଣ୍ଡିତ ହୃଷୀକେଶ ପଣ୍ଡା, ହେମନ୍ତ ପଣ୍ଡା ଓ କୁଞ୍ଜ ବିହାରୀ ଦାସଙ୍କ ଦ୍ୱାରା ସମାପନ ହୋଇଥିଲା। ସାମାଜିକ କର୍ମୀ ଅଶୋକ ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଆସିଥିବା ସାଧୁ ସନ୍ଥ ଯୋଗଦେଇ କେବଳ ସାଧୁସନ୍ଥଙ୍କ ପୋଷାକ ପରିଧାନ କଲେ କେହି କେବେ ସାଧୁ ହୋଇଯାଏ ନାହିଁ। ଏମିତି ଅନେକ ଲୋକ ସାଂସାରିକ ଥାଇ ମଧ୍ୟ ସାଧୁ ଅଛନ୍ତି, ଯାହାଙ୍କୁ ଆମେ ଜାଣିପାରୁ ନାହାନ୍ତି। ଯେଉଁମାନେ ଲୋଭ, ମୋହ, ମାୟା ଛାଡ଼ି ସତଚିନ୍ତା, ସତକର୍ମ, ସତମାର୍ଗରେ ରହି ସର୍ବଜନଚିନ୍ତନ ଓ ଐଶୋରିକ ମାର୍ଗରେ ସତ୍ୟ ନିଷ୍ଠ ଭାବେ ପରିଚାଳିତ ସେମାନଙ୍କୁ ଆମେ ପ୍ରକୃତ ସାଧୁ ବୋଲି କହିବା ସହିତ ସାଧୁମାନେ ନିଜ ନିଜର ଜୀବନ ଚର୍ଯ୍ୟା ସମ୍ପର୍କରେ ଉପସ୍ଥିତ ଭକ୍ତଙ୍କ ନିକଟରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଳାଶୁଣୀ ମଠର ମହନ୍ତ ଡ. ନାମାନନ୍ଦ ଦାସ, କେନ୍ଦ୍ରାପଡ଼ା ନାଉପାଳ ମଠର ମହନ୍ତ ପରାସର ଦାସ, କନ୍ଥିଆ ମଠ ମହନ୍ତ ଶୈଳେନ୍ଦ୍ର ଦାସ, ତିଲଙ୍ଗ ମଠର ମହନ୍ତ ଶ୍ରୀଧର ଦାସ, ବଳଭଦ୍ରପୁର ମଠ ମହନ୍ତ ଧୂନିବାବା, ଗାଙ୍ଗୀ ମଠ ମହନ୍ତ କୈସ୍ତୁଭ ବ୍ରହ୍ମଚାରୀ, ଲଙ୍ଗୁଳି ମଠ ମହନ୍ତ ପ୍ରହଲ୍ଲାଦ ଦାସ, ବାବାଜି ରମାକାନ୍ତ ଦାସ, ଅଜୟ ଦାସ, ରବି ଦାସ, ତରଙ୍ଗ ମଠ ମହନ୍ତ ନିତ୍ୟାନନ୍ଦ ଦାସ ଓ ମୟୂରଭଞ୍ଜ ମଠ ମହନ୍ତ ସନାତନ ଦାସ ପ୍ରମୁଖ ଯୋଗଦେଇ ଭକ୍ତଙ୍କୁ ଆଶିର୍ବଚନ ପ୍ରଦାନ କରିଥିଲେ।

# ରାସ୍ତାକୁ ଓହ୍ଲାଇଲେ ଫିଲ୍ମ ପ୍ରଯୋଜକ, ନିର୍ଦ୍ଦେଶକ

ଭୁବନେଶ୍ୱର,୧୯।୧୦(ବ୍ୟୁରୋ)

ଓଡ଼ିଆ ସିନେମାର ସ୍ଥିତି ଠିକ୍ ନ ଥିବାବେଳେ ବିଭିନ୍ନ ସମସ୍ୟାରେ ଛନ୍ଦି ହୋଇଯାଇଛନ୍ତି ପ୍ରଯୋଜକ ଓ ନିର୍ଦ୍ଦେଶକ। ଫିଲ୍ମ ନିର୍ମାଣ ପରେ ବି ପ୍ରେକ୍ଷାଳୟ ମିଳୁନି। ଏଥିସହ ୨୦୦୮ରୁ ଫିଲ୍ମ ନିର୍ମାଣରେ ସବ୍‌ସିଡି ମଧ୍ୟ ମିଳୁନାହିଁ। ଫାଇଲ୍ ଭିତରେ ସୀମିତ ରହିଛି ଓଡ଼ିଆ ସିନେମା ନୀତି। ଏଭଳି ସ୍ଥିତିରେ ଓଡ଼ିଆ ସିନେମାର ଭବିଷ୍ୟତକୁ ନେଇ ଚିନ୍ତାରେ ପଡ଼ିଥିବା ପ୍ରଯୋଜକ ଓ ନିର୍ଦ୍ଦେଶକମାନେ ଶେଷରେ ରାସ୍ତାକୁ

### ସରକାରୀ ନିୟମ ମାନୁ ନାହାନ୍ତି ପ୍ରେକ୍ଷାଳୟ ମାଲିକ

ଓହ୍ଲାଇଛନ୍ତି। ସମସ୍ୟାର ସମାଧାନ ସହ ଓଡ଼ିଆ ସିନେମାକୁ ସଫଳତାର ଶୀର୍ଷରେ ପହଞ୍ଚାଇବା ପାଇଁ ବୁଧବାର ଆରମ୍ଭ ହୋଇଛି 'ଓଡ଼ିଆ ସିନେମା ବଞ୍ଚାଅ ଅଭିଯାନ ପଦଯାତ୍ରା'। ପ୍ରଯୋଜକ, ନିର୍ଦ୍ଦେଶକମାନେ ସୂଚନା ଭବନରୁ ପଦଯାତ୍ରାରେ ବାହାରି 'ଓଡ଼ିଆ ସିନେମା ବଞ୍ଚାଅ, ଆସ ଓଡ଼ିଆ ସିନେମାକୁ ଆଗେଇ ନେବା' ସ୍ଲୋଗାନ ଦେଇ ରଜଭବନ ଯାଏ ଯାଇଥିଲେ। ରାଜଭବନ ଛକସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ଠିଆ ହୋଇ ସେମାନେ ଦାବି ଉପସ୍ଥାପନ କରିଥିଲେ। ସରକାରୀ ନିୟମ ଅନୁସାରେ ପ୍ରେକ୍ଷାଳୟରେ ୭ସପ୍ତାହ ଓଡ଼ିଆ ଚଳଚ୍ଚିତ୍ର ଚଲାଇବାର ନିୟମ ଥିଲେ ବି ଚଳଚ୍ଚିତ୍ର ନିର୍ମାଣ କରି ମୁକ୍ତିଲାଭ କରିବା ପାଇଁ ଡିଷ୍ଟ୍ରିବ୍ୟୁଟରମାନଙ୍କୁ ହଲ୍ ମାଲିକଙ୍କ ପଛରେ ଗୋଡାଇବାକୁ ପଡୁଛି। ହଲ୍ ମାଲିକଙ୍କ ପାଇଁ ସରକାରୀ କଟକଣା କ'ଣ ପାଇଁ ରହୁନି ବୋଲି ସେମାନେ ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ଶ୍ରୀଧର ମାର୍ଥା, ସଞ୍ଜୟ ପାତ୍ର,ନିର୍ଦ୍ଦେଶକସନ୍ତୋଷବିଷୋୟୀ,ଓଲିଉଡ କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହା ପ୍ରତିଦିନ ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବ। ଯେ ପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିଛନ୍ତି, ସେ ପର୍ଯ୍ୟନ୍ତ ପଦଯାତ୍ରା ଚାଲୁରହିବ ବୋଲି କ୍ରିଏଟିଭ୍ ହେଡ୍ ଜେଠୀ କହିଛନ୍ତି।

# ବିରଜା ଉଚ୍ଚ ବିଦ୍ୟାଳୟରେ ଫୁଟ୍‌ବଲ ବିତରଣ ଉତ୍ସବ

ଯାଜପୁର ସଦର, ୧୯।୧୦(ଡି.ଏନ୍.ଏ)

ଓସେପା (ଓଡ଼ିଶା ସ୍କୁଲ ଏଜୁକେଶନ୍ ପ୍ରୋଗ୍ରାମ୍ ଅଥରିଟି) ନିର୍ଦ୍ଦେଶ ଅନୁଯାୟୀ ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଉଦ୍ଦେଶ୍ୟରେ ଆନ୍ତଃ ବିଦ୍ୟାଳୟ (ବାଳକ / ବାଳିକା) ପ୍ରତିଯୋଗିତା ପାଇଁ ଫୁଟବଲ ପ୍ରଦାନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଯାଜପୁର ବ୍ଲକରେ ଥିବା ବିରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଫୁଟବଲ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକ ସଭାପତିତ୍ୱ କରିଥିବାବେଳେ ଜିଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦେବାଶିଷ ମହାନ୍ତି, ଜିଲା ସ୍କୁଲର କ୍ରୀଡା ଶିକ୍ଷକ ଶଙ୍କର୍ଷଣ ବେହେରା, ବୈଷ୍ଣବଦତ୍ତ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ସୋନାଲି ସାହୁ, ବିରଜା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅଜୟ କୁମାର ଦାସ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ସହକର୍ମୀ ସହଯୋଗ କରିଥିଲେ। ଯାଜପୁର ଜିଲା ଆନ୍ତ ବିଦ୍ୟାଳୟ ୧୭ ବର୍ଷରୁ କମ୍ ବାଳିକା ବିଭାଗ ଫୁଟବଲ ପ୍ରତିଯୋଗୀତାରେ ଯାଜପୁର ବ୍ଲକ ଉପବିଜେତା ହୋଇଥିଲା। ଏହି ଉପବିଜେତା ଦଳକୁ ମୁଖ୍ୟଅତିଥି ଗିରି ପୁରସ୍କୃତ କରିଥିଲେ।

# ଛଟେଇ ଶ୍ରମିକଙ୍କୁ ନିଯୁକ୍ତି ପାଇଁ ଗଣଧାରଣା

କଳିଙ୍ଗନଗର,୧୯।୧୦(ଡି.ଏନ.ଏ.)

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳର ସାରୁଆବିଲ ଓ କମର୍ଦ୍ଦା ଖଣି ଅଞ୍ଚଳର ଛଟେଇ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଏବଂ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ପାଖ ଖଣିରେ କାର୍ଯ୍ୟ ଯୋଗାଇଦେବା ଦାବିରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବୁଧବାର ଗଣଧାରଣା ଦିଆଯାଇଛି। କଳିଙ୍ଗନଗର ଭୂଅର୍ଜ୍ଜନ ଅଧିକାରୀ ନାରାୟଣ ଚନ୍ଦ୍ର ଦୀକ୍ଷିତ ଘଟଣାସ୍ଥଳରେ ପହଞ୍ଚି ନଭେମ୍ବର ୫ତାରିଖ ସୁଦ୍ଧା ଛଟେଇ ଶ୍ରମିକଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ସୂଚନା ମୁତାବକ, ଦୀର୍ଘଦିନ ହେବ ସୁକିନ୍ଦା ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତି ନ ଦେଇ ବାହାର ରାଜ୍ୟର ଶ୍ରମିକଙ୍କୁ ଖଣିରେ ନିଯୁକ୍ତି ଦିଆଯାଉଛି। ଫଳରେ ସ୍ଥାନୀୟ ଗ୍ରାମବାସୀ କାମ ନ ପାଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସଂକଟାପନ୍ନ ଅବସ୍ଥାରେ ବ୍ରାହ୍ମଣୀ ସେତୁ

### ଜିଲା ପ୍ରଶାସନକୁ ଭେଟି ଅଭିଯୋଗ ଜଣାଇଲା ସଚେତନ ନାଗରିକ ମଞ୍ଚ

ପାଣିକୋଇଲି,୧୯।୧୦(ଡି.ଏନ.ଏ.)

ଚଣ୍ଡିଖୋଲ-ଡୁବୁରି ୫୩ ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣୀ ସେତୁର ସଂକଟାପନ୍ନ ଅବସ୍ଥା ଓ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣରେ ଅହେତୁକ ବିଳମ୍ବ ନେଇ ବୁଧବାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ଓ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଛି।

୬୨ ବର୍ଷ ପୂର୍ବେ ନିର୍ମିତ ୧.୨୫ କିମି ଲମ୍ବ ବ୍ରାହ୍ମଣୀ ସେତୁଟି ସଂପ୍ରତି ଅତ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଖାଲଖମାରେ ଭର୍ତ୍ତି ହୋଇଥିବା ଏହି ପୋଲ ଉପରେ ପ୍ରତ୍ୟହ ଦୁର୍ଘଟଣା ଘଟି ଅନେକ ଧନଜୀବନ କ୍ଷୟକ୍ଷତି ହେଉଛି। ପୋଲର ଜଏଣ୍ଟ ପ୍ଲେଟ୍ ଅନେକ ସ୍ଥାନରେ ଉଠିଯାଇଛି ଏବଂ ପାଚେରି ଓ ପାଦଚଲା ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି।


ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା।

ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ମରାମତି କାମ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟ କରାଯାଉନାହିଁ। ଅପରପକ୍ଷରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ମଧ୍ୟ ଅଦ୍ୟାବଧି ଆରମ୍ଭ ହେଲାନାହିଁ। ଫଳରେ ପ୍ରତ୍ୟହ ହଜାରହଜାର ଭାରୀଯାନ ଯାତାୟାତ କରୁଥିବା ପୁରୁଣା ସେତୁଟି କେଉଁ ମୁହୂର୍ତ୍ତରେ ଗଳିପଡିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଚଣ୍ଡିଖୋଲଠାରୁ ଡୁବୁରି ପର୍ଯ୍ୟନ୍ତ ୪୦ କିମି ରାସ୍ତାର ଦୋହରୀକରଣ କାର୍ଯ୍ୟ ମଧ୍ୟ କଚ୍ଛପ ଗତିରେ ଚାଲିଛି, ଯାହାକୁ ନେଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବାରମ୍ବାର ସ୍ୱର ଉତ୍ତୋଳନ କରାଯାଇଥିଲା। ଜାତୀୟ ରାଜପଥର ଏହି ଟାଳଟୁଳ ନୀତି ବିରୋଧରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଯାଜପୁର ଆରକ୍ଷୀ ଅକ୍ଷୀକ୍ଷକ ରାହୁଲ ପିଆର୍ ଓ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକଙ୍କ ସହ ଆଲୋଚନା କରାଯାଇ ଦାବିପତ୍ର ପ୍ରଦାନ କରାଯାଇଛି। ଆରକ୍ଷୀ ଅଧୀକ୍ଷକ ଏବଂ ଅତିରିକ୍ତ ଜିଲାପାଳ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରିବା ସହ ତୁରନ୍ତ ଏହାଉପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସଚେତନ ନାଗରିକ ମଞ୍ଚ ଆବାହକ ସରୋଜକାନ୍ତ ବେହେରାଙ୍କ ନେତୃତ୍ୱରେ ଉପଦେଷ୍ଟା ପଙ୍କଜ ଚରଣ ମଲ୍ଲ, ପରମାନନ୍ଦ ସାହୁ, ସଭ୍ୟ ସନ୍ତୋଷ କୁମାର ରାଉତ, ସୌମ୍ୟରଞ୍ଜନ ପଣ୍ଡା, ସୁବ୍ରତ କୁମାର ସାହୁ, ଶୁଭାଶିଷ ମହାନ୍ତି, ଯଶୋବନ୍ତ ସାହୁ, ଜିତେନ୍ଦ୍ର କୁମାର ରାଉତ ଏବଂ ଆନନ୍ଦ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉଭୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ବାନ୍ଧି ମାଡ଼ ମାରିବା ଘଟଣାରେ ୨ ଗିରଫ

ଖଲ୍ଲିକୋଟ,୧୯।୧୦(ଡି.ଏନ.ଏ.)- ଖଲ୍ଲିକୋଟ ଥାନା ଅନ୍ତର୍ଗତ ସମଲ ଗ୍ରାମରେ ଯୁବକଙ୍କୁ ବୁଧବାର ବିଦ୍ୟୁତ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ଘଟଣାରେ ଦୁଇ ଗିରଫ ହୋଇଛନ୍ତି। ସୂଚନାନୁଯାୟୀ ସକାଳେ ସମଲ ଗ୍ରାମର ରତ୍ନାକର ଜାଲି ଗ୍ରାମ ମଝିରେ ଥିବା ଜଳଖିଆ ଦୋକାନରୁ ଜଳଖିଆ ନେଇ ଆସୁଥିବା ବେଳେ ସେହି ଗ୍ରାମର ଦୁଇଜଣ ବ୍ୟକ୍ତି ରତ୍ନାକରଙ୍କୁ ମାଡ଼ ମାରିବା ସହ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ଦେଇଥିଲେ। ଖବର ପାଇ ଖଲ୍ଲିକୋଟ ପୋଲିସ ରତ୍ନାକରଙ୍କୁ ଉଦ୍ଧାର କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଥାନା କେସ୍ ନଂ. ୬୧୨/୨୨ରେ ମାମଲା ରୁଜୁ ହୋଇଥିଲା। ପୂର୍ବ ଶତ୍ରୁତାରୁ ଏଭଳି ଆକ୍ରମଣ ହୋଇଥିବା ଜଣାପଡ଼ିଛି। ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

### ପାଲୁରରେ ଆଞ୍ଚଳିକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ରମ୍ଭା,୧୯।୧୦-ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ଗ୍ରାମ ପଞ୍ଚାୟତ ଅଧିନସ୍ଥ ପାଲୁର ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୨ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥି ବେହେରା, ସମ୍ମାନିତ ଅତିଥି ଭାବେ ଝାରେଡି ରାଧାଗୋବିନ୍ଦପୁର ସରପଞ୍ଚ ସିଦ୍ଧେଶ୍ୱର ନାହାକ, ମୁଖ୍ୟବକ୍ତା ଭାବେ ହୁମ୍ମା ସିଆରସି ଦାମୋଦର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପାଲୁର ଆଞ୍ଚଳିକ ସାଧନ କେନ୍ଦ୍ରର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟର ଚତୁର୍ଥରୁ ଦଶମଶ୍ରେଣୀ ଛାତ୍ରୀଛାତ୍ରମାନେ ଜୁନିୟର ଓ ସିନିୟର ବର୍ଗରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ, ଓଡ଼ିଆ ହସ୍ତାକ୍ଷର, ଶୃତ ଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ମଧ୍ୟାହ୍ନ ଭୋଜନ ଚିତ୍ରକଳା ଓ ଶିଳ୍ପକଳା ଆଦି କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରୁଥିବା ପ୍ରତିଯୋଗୀଙ୍କୁ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ଶିଶୁ ପୁସ୍ତିକା ପିଲାଙ୍କ ପ୍ରାର୍ଥନା ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପାଲୁର ସାଧନ ସଂଯୋଜକ ଦେବହରି ବେହେରା ଓ ଶିକ୍ଷକ ଶେଷଦେବ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧରାକୋଟ,୧୯।୧୦(ଡି.ଏନ୍.ଏ.)-ଧରାକୋଟ ବ୍ଲକ ଅନ୍ତର୍ଗତ ଜାହାଡା ପଞ୍ଚାୟତର ଦଶମାଇଲି ଗ୍ରାମର ଜାତୀୟ ରାଜପଥ ୫୯ପାଖରେ ନୂତନ ରୂପେ ନିର୍ମାଣ ହୋଇଥିବା ତ୍ରିନାଥ ସ୍ୱାମୀଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ମହାସମାରୋହ ସହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ପୁରୋଧା ଭାବରେ ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ରୂପେ ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ ପୂର୍ବତନ ସରପଞ୍ଚ ଦିଲୀପ କୁମାର ସ୍ୱାଇଁ, ବରିଷ୍ଠ ବିଜେଡି ନେତା ରବୀନ୍ଦ୍ର ଘୋଷ, କୈଳାସ ସାବତ, ହେମନ୍ତ ପଣ୍ଡା, ପ୍ରମୁଖ ଉତ୍ସବରେ ଉପସ୍ଥିତ ରହିଥିଲେ। ସମ୍ପୂର୍ଣ୍ଣ ଦେବନୀତି ସହ ମନ୍ତ୍ରପାଠ ଉଚ୍ଚାରଣରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ଦଶମାଇଲି, କୁଶପଡା ଓ ଜାହାଡା ଗ୍ରାମର ଅଧିବାସୀମାନେ ସହଯୋଗ ପ୍ରଦାନ କରିଥିଲେ।

# କମ୍ପାନୀ ନିର୍ମାଣ କାର୍ଯ୍ୟ ବନ୍ଦ କଲେ ୧୮ଗାଁର ଲୋକେ

ଛତ୍ରପୁର,୧୯।୧୦(ଡି.ଏନ.ଏ)

ଭାରତୀୟ ବିକାଶ ପରିଷଦ ଆନୁକୂଲ୍ୟରେ ଛତ୍ରପୁର ବ୍ଲକ କାଳିପଲ୍ଲୀ ନିକଟ ଦୀପକ ଫର୍ଟିଲାଇଜର କମ୍ପାନୀର ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଛି। ଏଥିରେ କାଳିପଲ୍ଲୀ, ଲକ୍ଷ୍ମୀପୁର, ବଡପୁଟି, ରାମୟାପଲ୍ଲୀ, ଆଗ୍ରାହାରାହାମ, ପାଇକପଡା, ଉପୁଲାପୁଟି, ହରିପୁର, ଆର୍ଯ୍ୟପଲ୍ଲୀ, ଚମାଖଣ୍ଡି, ଆଲିପୁର, ନାରାୟଣପୁର, ମାନସରକଟା, ମାଟିଖାଲ, କଣମଣା, ଶ୍ରୀରାମଚନ୍ଦ୍ରପୁର , ଭାଗିନିପେଟା, ବାସନାପୁଟି ଆଦି ୧୮ଗାଁର ହଜାର ହଜାର ଗ୍ରାମବାସୀ ସାମିଲ ହୋଇଥିଲେ। ୧୯୯୫ରେ ଟାଟା କମ୍ପାନୀ ୩୭୦୦ ଏକର ଜମିରେ ଟାଟା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ ପାଇଁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରିଥିଲେ । ତେବେ ୧୬ ବର୍ଷ ପରେ ମଧ ଏହି ପ୍ଲାଣ୍ଟ ସ୍ଥାପନ ହୋଇ ନ ଥିଲା। ୨୦୧୧ରେ ଟାଟା କମ୍ପାନୀକୁ ଅନୁକମ୍ପା ଦେଖାଇ ରାଜ୍ୟ ସରକାର ଉକ୍ତ ଜମିରେ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ପାଇଁ କମ୍ପାନୀକୁ ଅନୁମତି ଦେଇଥିଲେ । ପରେ କମ୍ପାନୀ ପକ୍ଷରୁ ଦୀପକ ଫର୍ଟିଲାଇଜର କମ୍ପାନୀ ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା । ତେବେ ଏହାଫଳରେ ପୂର୍ବରୁ ଗଠିତ ମତ୍ସ୍ୟଜୀବୀ ସୋସାଇଟି ଦ୍ୱାରା ଚାଲିଥିବା ମାଛ ଚାଷ ପ୍ରଭାବିତ ହେଉଛି । ଏଥିସହ କେମିକାଲ କମ୍ପାନୀ ଯୋଗୁଁ ପରିବେଶ ନଷ୍ଟ ହେବା ସହ ସମୁଦ୍ର ମଧ ପ୍ରଦୂଷିତ ହେବ । ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ସାମାଜିକ କର୍ମୀ କୈଳାସ ମିଶ୍ର, ରାଜେନ୍ଦ୍ର ଦଳବେହେରା, ସୁଧାଂଶୁ ପଣ୍ଡା, ଶରତ ଚନ୍ଦ୍ର ପଣ୍ଡା, ଗୁରୁ ଚରଣ ପାତ୍ର, ସୂର୍ଯ୍ୟ ନାରାୟଣ ବେହେରା, ରବୀନ୍ଦ୍ର କୁମାର ରାଉତରାୟ, ଗୁରୁଦେବ ବେହେରା, ମୋହନ ପାତ୍ର, ଭୀମ ବେହେରା, ଏମ୍.ଜଙ୍ଗମାୟା, ଯଶୋଦା କର ପ୍ରମୁଖଙ୍କ ସମେତ ଗ୍ରାମବାସୀ ଆନ୍ଦୋଳନରେ ସାମିଲ ଥିଲେ ।



ଗ୍ରାମବାସୀ କାର୍ଯ୍ୟ ବନ୍ଦ କରି ଘେରି ରହିଛନ୍ତି।

# ବାଗ୍‌ଦେବୀ ମନ୍ଦିର ଦଧିନଉତି ସ୍ଥାପନ

ଧରାକୋଟ,୧୯।୧୦(ଡି.ଏନ୍.ଏ.)

ଧରାକୋଟ କୋଠାରୀ ମନ୍ଦିର ପରିସରରେ ଥିବା ବାଗ୍‌ଦେବୀ ମନ୍ଦିରର ଦଧିନଉତି ବୁଧବାର ସ୍ଥାପନ ହୋଇଛି। ଭଞ୍ଜନଗର ନିକଟସ୍ଥ କୁଲାଡଠାରେ ବାଗ୍‌ଦେବୀଙ୍କ ପ୍ରଥମ ପୀଠ ଥିବାବେଳେ ଧରାକୋଟ ଦ୍ୱିତୀୟ ପୀଠ ରୂପେ ଖ୍ୟାତି ଲାଭ କରିଛି। କୋଠାରୀ ସାହି ବାସିନ୍ଦାଙ୍କ ଉଦ୍ୟମ କ୍ରମେ ମନ୍ଦିର ର ଦଧିନଉତି ସ୍ଥାପନ କାର୍ଯ୍ୟ ସମାପନ ହୋଇଛି। କାର୍ଯ୍ୟକ୍ରମରେ ମହନ୍ତ ଲଛମନ ଦାସ ମହାରାଜା, କୋଠାରୀ ମନ୍ଦିର ଉନ୍ନୟନ କମିଟି ସଭାପତି ସୁଶାନ୍ତ କୁମାର ପାଣିଗ୍ରାହୀ, ରମାକାନ୍ତ ମହାନ୍ତି, ଶୁକାନ୍ତ ପତ୍ରୀ ,ପ୍ରଭାକର ଗୌଡ, ବିଦ୍ୟାଧର ଡାକୁଆ, ପୂଜକ ମୁନା ମୁନି, କାରିଗର ସଞ୍ଜୀବ ମହାପାତ୍ର ଓ ଉପଦେଷ୍ଟା ଶରତ ରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲା ସମବାୟ ସଂଘ ନିର୍ବାଚନ ୯ନଂ ଜୋନ୍‌ରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଲଢେଇ

ଦିଗପହଣ୍ଡି,୧୯।୧୦(ଡି.ଏନ.ଏ.)

ଆସନ୍ତା ୨୩ ତାରିଖରେ ବ୍ରହ୍ମପୁର ଆସିକା ସମବାୟ କେନ୍ଦ୍ରୀୟ ବ୍ୟାଙ୍କ୍ ସହିତ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ବ୍ରହ୍ମପୁର ପାଇକାରୀ ଭଣ୍ଡାର ସମିତିର ସମେତ ଆସିକା ସମବାୟ ଆଖୁ ଶିଳ୍ପ ଓ ଗଞ୍ଜାମ ଜିଲା ସମବାୟ ସଂଘ ନିର୍ଦ୍ଦେଶକ ପାଇଁ ଗୋଟିଏ ଦିନରେ ନିର୍ବାଚନ ହେବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲା ସମବାୟ ସଂଘ ନିର୍ଦ୍ଦେଶକ ପାଇଁ ଜୋନଂ ନଂ–୯ ରେ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱୀତା ରୋଚକ ସ୍ଥିତିରେ ହେଉଛି। ଏହି ଜୋନ୍‌ର ବିଜେଡି ନେତା ସଙ୍ଗ୍ରାମି ସିଂହ ଗତ ଜିଲା ସମବାୟ ସଂଘର ସଭାପତି ଥିଲେ। ଏଥିପୂର୍ବରୁ ବୃନ୍ଦାବନ ଖଟେଇ ମଧ ବିଭିନ୍ନ ସମବାୟ ଅନୁଷ୍ଠାନର ନିର୍ବାଚିତ ହୋଇ ସମବାୟ ନୀତି ନିୟମ ସମ୍ପର୍କରେ ଅଭିଜ୍ଞତା ହାସଲ କରିଛନ୍ତି। ଏହି ୯ ନଂ ଜୋନ୍ ନିର୍ବାଚନରେ ବ୍ରହ୍ମପୁର ସମବାୟ କେନ୍ଦ୍ରୀୟ ବ୍ୟାଙ୍କ ଅନ୍ତର୍ଗତ ଦିଗପହଣ୍ଡି, ପାଟପୁର ଓ କୁକୁଡାଖଣ୍ଡି ଶାଖାର ସର୍ବମୋଟ ୫୬୫ ଜଣ ମତଦାତା ନିର୍ବାଚନରେ ମତଦାନ କରିବେ। ଜିଲା ସମବାୟ ସଂଘରେ ପୂର୍ବତନ କର୍ମକର୍ତ୍ତାମାନେ କିଭଳି ଦୁର୍ନୀତି, ଭ୍ରଷ୍ଟାଚାରରେ ମସ୍‌ଗୁଲ୍ ଥିଲେ ଏବଂ ନିର୍ବାଚନ ପୂର୍ବରୁ ୯ ନଂ ଜୋନ୍‌ରେ ଥିବା ଶହେ ଭୋଟରଙ୍କ ନାମକୁ ଜାତିଗତ ପ୍ରମାଣ ଆଧାରରେ ଭୋଟର ତାଲିକାରେ ଅଦଳବଦଳ କରି ନିର୍ବାଚନ ବୈତରଣୀ ପାର ହେବା ପାଇଁ ଯେଉଁ ମସୁଧା କରିଥିଲେ ତାହା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଭୋଟରଙ୍କ ଅଧିକାରକୁ କିଭଳି ସୁରକ୍ଷିତ ରଖିଛନ୍ତି ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ନିର୍ବାଚନ ମଇଦାନରେ ଓହ୍ଲାଇଥିବା ଦୁଇ ପ୍ରତିଦ୍ୱନ୍ଦ୍ୱିମାନେ ସେମାନଙ୍କ ପ୍ରଚାରପତ୍ର ମାଧ୍ୟମରେ ଭୋଟରମାନଙ୍କୁ ସାକ୍ଷାତକରି ନିଜର ପାରିଦର୍ଶିତାକୁ ଉପସ୍ଥିତ କରିବାରେ ଲାଗି ପଡିଛନ୍ତି।

# ବିଦ୍ୟୁତ୍ ତାରରେ ନଦୀ ପାର

ଆର.ଉଦୟଗିରି,୧୯।୧୦(ଡି.ଏନ.ଏ.)

ରାଜ୍ୟ ସରକାର ବିଜୁ ସେତୁ ଯୋଜନା ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏହି ଯୋଜନା ଯେପରି ଲୋକଙ୍କ ପାଇଁ ପ୍ରହସନ ପାଲଟିଛି। ନଦୀ ଉପରେ ସେତୁ ନିର୍ମାଣ କରାଯାଉ ନ ଥିବାରୁ ଗମନାଗମନ ପାଇଁ ବିଦ୍ୟୁତ୍ ତାର ହିଁ ଭରସା। ଭରାନଈର ଦୁଇ ତଟରେ ଥିବା ଦୁଇଟି ଗଛକୁ ଗୋଟିଏ ବିଦ୍ୟୁତ୍ ତାର ଦ୍ୱାରା ବନ୍ଧାଯାଇଛି। ତଳେ ଉଛୁଳା ନଈ ଉପରେ ବିଦ୍ୟୁତ୍ ତାର। ଆଉ ଲୋକେ ସେହି ତାର ଧରି ପାର ହେଉଛନ୍ତି ଭରାନଈ। ଯଦି ହାତ ଖସିଯାଏ କିମ୍ବା ବିଦ୍ୟୁତ୍ ତାର ଛିଡିଯାଏ ତା'ହେଲେ ନଦୀରେ ଭାସିଯାଇ ଜୀବନ ଯିବାର ରହିଛି ଯଥେଷ୍ଟ ସମ୍ଭାବନା। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ଗୁରୁଣ୍ଡୁଳୀ ଓ ଗରଡମା ପଞ୍ଚାୟତ ମଧ୍ୟରେ ଥିବା ହରଭଙ୍ଗୀ ନଦୀରେ। ନଦୀର ଆରପଟେ ଗରଡମା ପଞ୍ଚାୟତର ଗମ୍ଭାରୀ ଗାଁ ଭଳି ଅନେକ ଗାଁ ରହିଥିବା ବେଳେ ନଦୀର ଏପଟେ ରାଜବସା, କୁଟୀପଦର ଓ ଗାଙ୍ଗୁଡିପଙ୍କାଳ ଭଳି ଅନେକ ଗାଁ ରହିଛି। ହେଲେ ଉଭୟ ପଞ୍ଚାୟତବାସୀ ସମସ୍ତ ସୁବିଧା ଦୃଷ୍ଟିରୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଲୋକଙ୍କ ଗମନାଗମନର ସୁବିଧା ପାଇଁ ଏଠାରେ ପୋଲ ଖଣ୍ଡିଏ ନିର୍ମାଣ କରାଯାଉ ନ ଥିବାରୁ ଲୋକେ ଜୀବନକୁ ବାଜି ଲଗାଇ ନଦୀ ପାର ହେଉଛନ୍ତି। ଏଠାରେ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ସ୍ଥାନୀୟ ନେତାଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ ଜଣାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗାଙ୍ଗୁଡିପଙ୍କାଳ ଓ ରାଜପୁର ଗ୍ରାମବାସୀ ଗୁରୁଣ୍ଡୁଳୀ ପଞ୍ଚାୟତରେ ଥିଲେ ମଧ ସେମାନଙ୍କ ପାଇଁ ଭଲ ରାସ୍ତା ନ ଥିବାରୁ ନଦୀ ଆରପଟେ ଥିବା ଗରଡମା ପଞ୍ଚାୟତର ଗମ୍ଭାରୀ ଗାଁ ଉପରେ ନିର୍ଭର କରନ୍ତି ଗ୍ରାମବାସୀ। ବର୍ଷା ସମୟରେ ନଦୀ ପାର ହେବା ପାଇଁ କଷ୍ଟ ଥିଲେ ମଧ ଅନ୍ୟ ସମୟରେ ବାଇକ ମଧ ନଦୀ ଭିତରେ ବୋହି ନେଇ ଗମ୍ଭାରୀ ଗାଁରେ ପହଞ୍ଚିବାକୁ ବାଧ ହେଉଛନ୍ତି। ଏପରି ନଦୀ ପାର ହେବା ବେଳେ ଜୀବଜନ୍ତୁଠାରୁ ଆରମ୍ଭ କରି ମଣିଷର ଜୀବନ ହାନି ମଧ ଘଟୁଥିବା ଅଭିଯୋଗ କରିଛନ୍ତି ଖଗେଶ୍ୱର ଦଳବେହେରା, ତରଣୀସେନ ଦଳାଇ, ରୟାଲ ମାଝୀ। ଯଦି ଏଠାରେ ସେତୁ ନିର୍ମାଣ କରାଯାଏ ତେବେ ଗରଡମା ପଞ୍ଚାୟତ ଅଞ୍ଚଳବାସୀଙ୍କ ସହ ପଡୋଶୀ ଜିଲା ଓ ମୋହନା ବ୍ଲକ ଅଞ୍ଚଳର ଲକ୍ଷ ଲକ୍ଷ ଜନସାଧାରଣ ମଧ ଗମନାଗମନ ଦୃଷ୍ଟିରୁ ଯଥେଷ୍ଟ ସୁବିଧା ପାଇପାରନ୍ତେ। ହେଲେ ବାରମ୍ବାର ଦାବି ସତ୍ତ୍ୱେ ମଧ ଏଠାରେ ପୋଲ ନିର୍ମାଣ ପାଇଁ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।


ବିଦ୍ୟୁତ୍ ତାର ଧରି ନଦୀ ପାର ହେଉଛନ୍ତି ଲୋକେ।

**ମୋହନା ବ୍ଲକବାସୀଙ୍କ ଦୁଃଖ ହରଭଙ୍ଗୀ**

# ଟ୍ରାକ୍ଟର ଧକ୍କାରେ ଜଣେ ମୃତ, ଉତ୍ତେଜନା


ଦୁର୍ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପରେ ପୋଲିସ ବୁଝାଶୁଝା କରୁଛି।

ହିଞ୍ଜିଳିକାଟୁ,୧୯।୧୦(ଡି.ଏନ.ଏ.)

ହିଞ୍ଜିଳିକାଟୁ-ତାରାତାରିଣୀ ରୋଡ ରାଜ୍ୟ ରାଜପଥ ହିଞ୍ଜିଳି କାଳିମନ୍ଦିର ଛକ ନିକଟରେ ବୁଧବାର ଏକ ଟ୍ରାକ୍ଟର ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ହିଞ୍ଜିଳିକାଟୁ ବ୍ଲକ ଖଡ଼ିଡ଼ା ଗ୍ରାମର ବନମାଳୀ ବେହେରା (୭୨)। ବେପରୁଆ ଗାଡି ଚାଳନା ହେତୁ ଏପରି ହୋଇଥିବା ଅଭିଯୋଗ କରି କ୍ଷତିପୂରଣ ଦାବିରେ ଲୋକମାନେ ଘଟଣାସ୍ଥଳରେ ଉତ୍ତେଜନା କରିଥିଲେ। ହିଞ୍ଜିଳି ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ପ୍ରକାଶ ଯେ, କାର୍ତ୍ତିକ ମାସ ନିମନ୍ତେ ଅଗସ୍ତି ଶାଗ ବିକିବାକୁ ବନମାଳୀ ଖଡ଼ିଡା ଗାଁରୁ ହିଞ୍ଜିଳିକାଟୁ ପରିବା ବଜାରକୁ ସାଇକେଲରେ ଆସୁଥିଲେ। ଏହି ସମୟରେ ହିଞ୍ଜିଳି ଗ୍ରାମ ତାରାତାରିଣୀ ରୋଡ କାଳୀ ମନ୍ଦିର ନିକଟରେ ଏକ ଟ୍ରାକ୍ଟର ଦ୍ରୁତ ଗତିରେ ଆସି ତାଙ୍କ ଉପରକୁ ମାଡି ଯାଇଥିଲା। ଅନ୍ୟ ପକ୍ଷରେ ଟ୍ରାକ୍ଟର ଚାଳକ ଓ ସେଥିରେ ଥିବା ୩ ଶ୍ରମିକ ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। କିଛି ସ୍ଥାନୀୟ ଯୁବକ ଗୋଡାଇ ଗାଡି ଚାଳକଙ୍କୁ କାବୁ କରି ପୋଲିସର ଜିମା ଦେଇଥିଲେ। ପୋଲିସ ପହଞ୍ଚି ଗୁରୁତର ବନମାଳୀଙ୍କୁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ବନମାଳୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଘଟଣାର ତଦନ୍ତ ଚଳାଇଥିବା ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାସ କହିଛନ୍ତି। ଏ ନେଇ ଥାନାରେ ନଂ. ୫୭୦/୨୨ରେ ମାମଲା ରୁଜୁ ହୋଇଛି।

# ପରିମଳ ବ୍ୟବସ୍ଥା ଅନୁଧ୍ୟାନ କଲେ ନିର୍ବାହୀ ଅଧିକାରୀ

ଗଞ୍ଜାମ,୧୯।୧୦(ଡି.ଏନ.ଏ.)

ଗଞ୍ଜାମ ଏନଏସିରେ ନୂତନ ଭାବେ ଯୋଗ ଦେଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ବୁଧବାର ବିଭିନ୍ନ ୱାର୍ଡର ପରିମଳ ବ୍ୟବସ୍ଥା ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଅବସରରେ ୱାର୍ଡ ନଂ ୧ କରଣ ସାହି, ଚୌଧୁରୀ ସାହି, ୱାର୍ଡ ୨ ପଣ୍ଡାସାହି, ୱାର୍ଡ ନଂ ତିନି ଦୁର୍ଗାଦେବୀ ସାହି ଓ ୱାର୍ଡ ନଂ ୪ ରାଉଳ ସାହି ଓ ରଘୁନାଥ ସାହି ଯାଇ ପରିମଳ ବ୍ୟବସ୍ଥା କିପରି ଚାଲିଛି ସ୍ଥିତି ଅନୁଧ୍ୟାନ କରିଥିଲେ। ବିଭିନ୍ନ ୱାର୍ଡର ବର୍ଷା ଜଳ କିଭଳି ନିଷ୍କାସନ ହେବ ତାହା ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଆଗକୁ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିବା ପରେ ଏନ୍‌ଏସି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଯୁଦ୍ଧ କାଳୀନ ଭିତ୍ତିରେ ସହର ସମସ୍ତ ଡ୍ରେନ ସଫେଇ କରିବାକୁ ପରାମର୍ଶ ଦେଇଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ। ଇଓଙ୍କ ଅନୁଧ୍ୟାନ ବେଳେ ସାନିଟେସନ ଏକ୍ସପର୍ଟ ସୁମିତ ବେହେରା, ସାମାଜିକ କର୍ମୀ ସୁଧୀର କୁମାର ପାଢ଼ୀ, ଏନ୍‌ଏସି ଉପାଧକ୍ଷ ସୁରେନ୍ଦ୍ର ବାରିକି, ଜିତୁ ପଣ୍ଡା, ପଦିଆ ପାଢ଼ୀ, ହରିହର ମହାପାତ୍ର, ଋତୁରାଜ ମହାପାତ୍ର, ସୋନୁ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।


ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ।

# ଆସୁନି ସଂଗ୍ରହ ଗାଡ଼ି, ଜମୁଛି କୁଢ଼ କୁଢ଼ ଅଳିଆ


ଜମା ହୋଇଥିବା ଅଳିଆ।

ପାରଳାଖେମୁଣ୍ଡି,୧୯।୧୦(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ପୌରପରିଷଦର କେତେକ ଅଞ୍ଚଳକୁ ପୌରପରିଷଦର ଅଳିଆ ସଂଗ୍ରହ ଗାଡିର ବ୍ୟବସ୍ଥା ନ ଥିବାରୁ ସାହି ମଝିରେ କୁଢ କୁଢ ଅଳିଆ ଆବର୍ଜନା ପଡି ରହୁଥିବାର ଦେଖିବାକୁ ମିଳୁଛି। ଏପରି ଏକ ଅଞ୍ଚଳ ସହରର ପ୍ରମୁଖ ଛକ ତଥା ପୁରୁଣା କୋର୍ଟ ଛକ ନିକଟରେ ଥିବା ଅନ୍ନପୂର୍ଣ୍ଣା ନଗରରେ ଦେଖିବାକୁ ମିଳିଛି। ଏହି ନଗରରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଅଳିଆ ସଂଗ୍ରହ ଗାଡି ଆସୁ ନ ଥିବାରୁ ଲୋକେ ବାଧ ହୋଇ ସାହି ମଧ୍ୟରେ ଥିବା ଏକ ବେସରକାରୀ ଖୋଲା ସ୍ଥାନରେ ଅବ୍ୟବହୃତ ସାମଗ୍ରୀ ତଥା ଅଳିଆ ଆବର୍ଜନା ପକାଇ ଦେଉଥିବାର ଜଣାପଡିଛି । ସ୍ଥାନୀୟ ଲୋକଙ୍କ ସୂଚନା ପ୍ରକାରେ, ପୌରପରିଷଦ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ସେବାର ପ୍ରାରମ୍ଭିକ ସମୟରେ ଅଳିଆ ସଂଗ୍ରହ ପାଇଁ ଗାଡି ଆସୁଥିଲା। ହେଲେ ଏହାର କିଛି ମାସ ପରେ ଆଉ ଅଳିଆଗାଡି ଆସୁ ନ ଥିବାର ପ୍ରକାଶ କରିଛନ୍ତି । ତେଣୁ ବାଧ ହୋଇ ଏକ ଖୋଲା ବେସରକାରୀ ସ୍ଥାନରେ ଅଳିଆ ପକାଇବାକୁ ବାଧ ହେଉଛୁ ବୋଲି ଜଣାଇବା ସହ ଏନେଇ ବାରମ୍ବାର ପୌରପରିଷଦ ଠାରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି ଜଣାଇଛନ୍ତି । ଏପରି କୁଢ କୁଢ ଅଳିଆ ଗଦା ଜମୁଥିବାରୁ ଏହି ନଗରରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏହା ସାଙ୍ଗକୁ ଘୁଷୁରି ଓ ବୁଲା କୁକୁରମାନେ ଏହି ଅଳିଆ ଗଦା ଉପରକୁ ଯାଇ ଏଣେ ତେଣେ ବିକ୍ଷିପ୍ତ କରି ମୁଖ୍ୟ ରାସ୍ତା ଉପରକୁ ଟାଣି ଆଣୁଥିବାର ଦେଖିବାକୁ ମିଳିଛି ।

### ଜୁଆ ଖେଳୁଥିବା ବେଳେ ୬ ଗିରଫ

ଗଞ୍ଜାମ,୧୯।୧୦(ଡି.ଏନ.ଏ.)

ଦାମୋଦରପୁର ଗ୍ରାମରେ ଜୁଆ ଖେଳ ଚାଲିଥିବା ବେଳେ ଗଞ୍ଜାମଆଇଆଇସି ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଏଥିରେ ୬ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨୯ ହଜାର ୯୦ ଟଙ୍କା ଜବତ ହୋଇଛି।

# ଚକ୍ଷୁ ପରୀକ୍ଷା ଶିବିର ଉଦ୍‌ଯାପିତ

ଭଞ୍ଜନଗର, ୧୯।୧୦(ଡି.ଏନ.ଏ.)

ଭଞ୍ଜନଗର ବ୍ଲକ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁନେତ୍ର ଚକ୍ଷୁ ପରୀକ୍ଷା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୩ଟି ଶିବିରରେ ସର୍ବମୋଟ ୧୨୦୨ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୧୯ ଛାତ୍ରୀଛାତ୍ରଙ୍କୁ ଅଧିକ ଚକ୍ଷୁ ପରୀକ୍ଷା ପାଇଁ ପରାମର୍ଶ ଦିଆଯାଇଛି। ୪୧୯ ଜଣଙ୍କୁ ଚଷମା ପ୍ରଦାନ ପାଇଁ ଚୟନ କରାଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଞ୍ଜନଗର ବିଡିଓ ଶଶିଭୂଷଣ ମହାପାତ୍ର ଯୋଗ ଦେଇଥିବା ବେଳେ ବ୍ଲକ ଶିକ୍ଷା ଅଧିକାରୀ ଏସ୍.ଧନଞ୍ଜୟ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକ, ସିଆର୍‌ସିସି ଭଗବାନ ଭୂୟାଁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ବିଆର୍‌ଟି ଅନିଲ ମୁଦୁଲି ଓ ଚିନ୍ମୟ ଦାଶ ପରିଚାଳନା କରିଥିବା ବେଳେ ପ୍ରଦୀପ ସାସମଲ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ସମର୍ଥ ଅନୁଷ୍ଠାନରୁ ନିରାଶରେ ଫେରିଲେ ଟିମ୍

ଛତ୍ରପୁର,୧୯।୧୦(ଡି.ଏନ୍.ଏ.)

ଛତ୍ରପୁର ବ୍ଲକ କଲୋନୀ ସ୍କୁଲରେ ଚାଲିଥିବା ସମର୍ଥ ଅନୁଷ୍ଠାନକୁ ଜିଲା ପ୍ରଶାସନର ୩ ଜଣିଆ ଟିମ ଚଢାଉ କରିବାକୁ ଯାଇ ନିରାଶରେ ଫେରିଛି। ଟିମ୍ ଯିବାବେଳେ ଉକ୍ତ କେନ୍ଦ୍ରରେ ତାଲା ପଡିଥିଲା। ପରେ ସାମିଆପଲ୍ଲୀସ୍ଥିତ ସମର୍ଥର ନିଜସ୍ୱ କେନ୍ଦ୍ରକୁ ଯାଇଥିଲେ ମଧ ସେଠାରେ ଅନୁଷ୍ଠାନର ସମ୍ପାଦକଙ୍କ ଦେଖା ମିଳି ନ ଥିଲା। ଉକ୍ତ କେନ୍ଦ୍ରରେ ୧୨ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ରହିଥିବା ବେଳେ ଜଣେ ରାତ୍ର ଜଗୁଆଳ ଓ ଜଣେ କେୟାରଟେକର ସେ ସମୟରେ ଉପସ୍ଥିତ ରହିଥିଲେ। ସେଠାରେ କୌଣସି ନଥିପତ୍ର ମଧ ନଥିବାରୁ ନିରାଶରେ ଫେରିବାକୁ ପଡ଼ିଥିଲା। ଆଗାମୀ ଦିନରେ ସେଠାରେ ଥିବା ୧୨ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଅଭିଭାବକମାନଙ୍କୁ କାଉନସେଲିଂ କରାଯାଇ ଅନ୍ୟ ଏକ ସ୍ଥାନକୁ ନିଆଯିବ ବୋଲି ସୂଚନା ଦିଆଯାଇଛି । ଟିମରେ ଛତ୍ରପୁର ତହସିଲଦାର ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ କଲ୍ୟାଣୀ ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପି.ପଦ୍ମା ଏବଂ ଛତ୍ରପୁର ଥାନା ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବରୁ ସମର୍ଥ ଅନୁଷ୍ଠାନର ସମ୍ପାଦକ କେ.ଆନନ୍ଦ ରାଓଙ୍କ ବିରୋଧରେ ଶିକ୍ଷାନୁଷ୍ଠାନରେ କର୍ମଚାରୀଙ୍କୁ ଶାରୀରିକ ନିର୍ଯ୍ୟାତନା ସମେତ ଶିକ୍ଷକ, କର୍ମଚାରୀଙ୍କୁ ବିଭିନ୍ନ ପ୍ରକାର ମାନସିକ ନିର୍ଯ୍ୟାତନା ଏବଂ ସେଠାରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ନିମନ୍ତେ ସରକାର ଯୋଗାଉଥିବା ଅର୍ଥକୁ ହଡପ ଅଭିଯୋଗ ହୋଇଥିଲା। ଜିଲା ପ୍ରଶାସନର ୩ ଜଣିଆ ଏକ ସ୍ୱତନ୍ତ୍ର ଟିମ ତଦନ୍ତ ପରେ ଏହାର ରିପୋର୍ଟ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗକୁ ପଠାଯାଇଥିଲା। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଛତ୍ରପୁରରେ ଥିବା ସମର୍ଥ ଶିକ୍ଷାନୁଷ୍ଠାନର ପରିଚାଳନାକୁ ସଂପୂର୍ଣ୍ଣ ଭାବେ ରଦ୍ଦ କରି ସିଜ୍ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ସେଠାରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ଦୃଷ୍ଟିରେ ରଖି ନୂତନ ସ୍ୱେଚ୍ଛାସେବୀ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିବା ପାଇଁ ଜିଲାପାଳଙ୍କୁ ଗତ ୧୩ ତାରିଖରେ ପତ୍ର ମାଧ୍ୟମରେ ଜଣାଯାଇଥିଲା । ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠାନର ସମସ୍ତ ନଥିପତ୍ର ସିଜ କରିବାକୁ ଟିମ ଯାଇଥିଲେ ମଧ ସମ୍ଭବ ହୋଇପାରିନି। ସୂଚନାଯୋଗ୍ୟ, ବର୍ତ୍ତମାନ ସେଠାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ୧୦୧ ବ୍ୟାଙ୍କ ଆକାଉଣ୍ଟ ଖାତାକୁ ଫିଜ କରାଯାଇଥିଲା। ଅନ୍ୟପଟେ ଅଭିଯୋଗକୁ ସମ୍ପାଦକ ଖଣ୍ଡନ କରିଆସୁଛନ୍ତି।

## ସଂକ୍ଷେପରେ

### ସ୍କୁଲ୍‌ରେ ପଶି ପିଲାଙ୍କୁ ଆକ୍ରମଣ, ଜଣେ ଗିରଫ

ବିଞ୍ଝାରପୁର,୧୯।୧୦(ଡି.ଏନ.ଏ): ନିଜ ପିଲାଙ୍କୁ କେହି ସାଙ୍ଗସାଥି ଆକ୍ରମଣ କରିଥିବା ଅଭିଯୋଗ କରି ଜଣେ ଅଭିଭାବକ ସ୍କୁଲ୍ କ୍ୟାମ୍ପସରେ ପଶି ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବିଞ୍ଝାରପୁର ଥାନା ଅଧୀନ କଲ୍ୟାଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଘଟିଛି ଏଭଳି ଘଟଣା। ଗିରଫ ଅଭିଯୁକ୍ତ ହେଲେ ଗାଁର ବୁଦ୍ଧିଆ ଜେନା। ସେ ସ୍କୁଲରେ ପଶି ଛାତ୍ରୀଛାତ୍ରଙ୍କୁ ଆକ୍ରମଣ କରିଥିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ପହଞ୍ଚି ବୁଦ୍ଧିଆଙ୍କୁ ଗିରଫ କରିଥିବାବେଳେ ତାଙ୍କର ଅନ୍ୟଜଣେ ସହଯୋଗୀ ଫେରାର ହୋଇଯାଇଛନ୍ତି।

### ୨ ବଖରା ଜଳିଗଲା



ରସୁଲପୁର,୧୯।୧୦(ଡି.ଏନ.ଏ.): ରସୁଲପୁର ତହସିଲ ଅଧୀନ ଓଡ଼ିଶୋ ପଞ୍ଚାୟତ ମାନପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଆଲୋକ ସାମଲଙ୍କ ୨ ବଖରା ବାସଗୃହ ଜଳିଯାଇଛି। ବିଦ୍ୟୁତ୍ ସର୍ଟ ସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ଅଗ୍ନିକାଣ୍ଡରେ କୌଣସି ଜୀବନ ପ୍ରଭାବିତ ହୋଇ ନ ଥିବା ବେଳେ ଧନସମ୍ପତ୍ତି କ୍ଷତିହୋଇଛି। ଘରର ଆସବାସପତ୍ର ଜଳପୋଡି ପାଉଁଶ ହୋଇଯାଇଛି। ଖବର ପାଇ ସିଂହପୁର ସର୍କଲ ରାଜସ୍ୱ ନିରୀକ୍ଷକ ଦେବୀ ପ୍ରସାଦ ମହନ୍ତ ଅଗ୍ନିବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦେଇଥିବା ବେଳେ କ୍ଷୟକ୍ଷତି ଆକଳନ କରିଛନ୍ତି। ଏ ଦିଗରେ ରସୁଲପୁର ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ ପରେ ବିପନ୍ନ ପରିବାରକୁ କ୍ଷତିପୂରଣ କ'ଣ ମିଳିପାରିବ ସେ ସମ୍ପର୍କରେ ସ୍ପଷ୍ଟ ହୋଇପାରିବ ବୋଲି ତଦନ୍ତ ଅଧିକାରୀ ପ୍ରକାଶ କରିଛନ୍ତି। ବିଦ୍ୟୁତ୍ ତାର ନିଆଁ ଝୁଲରୁ ଅଗ୍ନିକାଣ୍ଡ ଘଟିଥିଲା। ଏ ସମ୍ପର୍କରେ ଜାଣି ପରିବାର ଲୋକେ ଘରୁ ଲାଇନ କାଟି ଦେଇଥିଲେ। ପରେ ଘରେ ପାଣି ପକାଇ ନିଆଁଲିଭାଇବାକୁ ପ୍ରୟାସ କରାଯାଇଥିଲା। ମାତ୍ର ନିଆଁର ପ୍ରକୋପ ଅଧିକ ଥିବାରୁ ତାହା ସମ୍ଭବପର ହୋଇପାରି ନ ଥିଲା।

### ପୋଖରୀରେ ବୁଡ଼ି ନାବାଳକ ମୃତ

ଧୂଷୁରୀ, ୧୯।୧୦: ଭଦ୍ରକ ଜିଲା ଧାମନଗର ବ୍ଲକ ରହିପୁର ପଞ୍ଚାୟତ କାଠମୁଣ୍ଡାପାଳରେ ବୁଧବାର ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଶ୍ରୀକାନ୍ତ ପ୍ରଧାନଙ୍କ ୪ ବର୍ଷର ପୁଅ ଆଶିଷ। ସୂଚନା ଅନୁଯାୟୀ, ଶ୍ରୀକାନ୍ତଙ୍କ ସ୍ତ୍ରୀ ରୋଷେଇରେ ବ୍ୟସ୍ତ ଥିବା ବେଳେ ଆଶିଷ ପୋଖରୀକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ପୁଅକୁ ନ ପାଇ ମା' ଖୋଜାଖୋଜି କରିଥିଲେ ମଧ୍ୟ କେଉଁଠି ପାଇ ନ ଥିଲେ। ଦୁଇ ଘଣ୍ଟା ପରେ ପୋଖରୀରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ମୃତଦେହକୁ ଉଦ୍ଧାର କରିଥିଲେ। ଧୂଷୁରୀ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ଖାଦ୍ୟ ସାମଗ୍ରୀ ମହଜୁଦ ରଖିବାକୁ ନିର୍ଦ୍ଦେଶ

## ସମ୍ଭାବ୍ୟ ବାତ୍ୟା ସିତ୍ରାଙ୍ଗ ପାଇଁ ବ୍ଲକ ପ୍ରଶାସନର ପ୍ରସ୍ତୁତି



ବୈଠକରେ ଉପସ୍ଥିତ ବିଡିଓ ଏବଂ ଅନ୍ୟ ଅଧିକାରୀ।

ରସୁଲପୁର,୧୯।୧୦(ଡି.ଏନ.ଏ.) ସମ୍ଭାବ୍ୟ ବାତ୍ୟା ସିତ୍ରାଙ୍ଗାକୁ ନେଇ ରସୁଲପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ବୁଧବାର ବିଡିଓ ଅବନିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରୀ କର୍ମଚାରୀଙ୍କ ଦୀପାବଳି ଛୁଟି ବାତିଲ କରାଯାଇଛି। ବାତ୍ୟାର ଗତିବିଧି ଉପରେ ରାଜ୍ୟ ଓ କେନ୍ଦ୍ର ସରକାର ତୀକ୍ଷ୍ଣ ନଜର ରଖିଛନ୍ତି। ବାତ୍ୟା ସମ୍ଭାବନା କ୍ଷୀଣ ରହିଛି, ହେଲେ ବାତ୍ୟା ଗତିବିଧି ୟୁ ଟର୍ନ ହୋଇପାରେ ବୋଲି ଆକଳନ କରାଯାଇ ପ୍ରସ୍ତୁତିକୁ କଡ଼ାକଡ଼ି କରିବା ପାଇଁ ପ୍ରଶାସନ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଛି।

୧୦ଟି ସ୍ଥାନରେ ଖାଦ୍ୟ ସାମଗ୍ରୀ ମହଜୁଦ୍ ରଖିବା ପାଇଁ ବ୍ଲକ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ସମ୍ଭାବନା ବଢ଼ିଲେ ମହଜୁଦ୍ ସ୍ଥାନକୁ ପ୍ରତ୍ୟେକ ପଞ୍ଚାୟତରେ ଚିହ୍ନଟ କରାଯାଇ ୨୮କୁ ବଢ଼ାଇ ଦିଆଯିବ। ରସୁଲପୁର ଦମକଳ ବାହିନୀ, କୁଆଖିଆ ପୋଲିସ, ରସୁଲପୁର ତହସିଲ ପ୍ରଶାସନକୁ ଏ ଦିଗରେ ସଜାଗ କରାଯାଇଛି। ବାତ୍ୟାର ପ୍ରଭାବ ବଢ଼ିଲେ ଓ ଧନଜୀବନ ପ୍ରଭାବିତ ହେଲେ ପଞ୍ଚାୟତରେ ସରପଞ୍ଚମାନେ ରନ୍ଧାଖାଦ୍ୟ ଯୋଗାଇବେ। କଚ୍ଚାଘର କ୍ଷୟକ୍ଷତି ଘଟିଲେ ତା'ର ଫଟୋ ଉଠାଇବା ସହ ରିଲଫ କାର୍ଯ୍ୟରେ ନିୟୋଜିତ ସମସ୍ତ କାର୍ଯ୍ୟକୁ ଜିଓ ଟ୍ୟାଗିଂ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ସରପଞ୍ଚମାନଙ୍କ ସହ ମିଶି ବାତ୍ୟା ମୁକାବିଲା କରିବା ପାଇଁ କୁହାଯାଇଛି। ବିପଦସଙ୍କୁଳ ଘରେ ଓ ଖାଲୁଆ ସ୍ଥାନରେ ରହିଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ ପରାମର୍ଶ ଦିଆଯାଇଛି। ବାତ୍ୟା ଦ୍ୱାରା ପ୍ରଭାବିତ ହେବା ସମ୍ଭାବନା ଥିବା ଲୋକଙ୍କୁ ସ୍ଥାନାନ୍ତର ଓ ବିଦ୍ୟାଳୟଗୁଡିକୁ ଥଇଥାନ କେନ୍ଦ୍ର ଭାବେ ପାଇଁ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ଘନଘନ ବୈଠକ ସହ ବାତ୍ୟାର ପରବର୍ତ୍ତୀ ସ୍ଥିତି ଅନୁସାରେ ନିଷ୍ପତ୍ତି ନିଆଯିବ ବୋଲି ବିଡିଓ ସାହୁ ପ୍ରକାଶ କରିଛନ୍ତି। ବୈଠକରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର, ସହକାରୀ ଯନ୍ତ୍ରୀ ସୋନାଲି ଧଳ, କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀ ଓ ଜିଆରଏସ୍‌ଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଭତ୍ତାରୁ ବଞ୍ଚିତ ଭିନ୍ନକ୍ଷମ ଦମ୍ପତି

କାଏମା,୧୯।୧୦(ଡି.ଏନ.ଏ.)



ଦେବକୀ ସାହୁ ଓ ରବୀନ୍ଦ୍ରନାଥ ସାହୁ।

ସରକାରଙ୍କ ଗରିବ ଅସହାୟ ତଥା ଭିନ୍ନକ୍ଷମଙ୍କୁ ଭତ୍ତା ଦେବାର ବ୍ୟବସ୍ଥା ଥିଲେ ବି ଏହାକୁ କେତୋକାଂଶରେ କାର୍ଯ୍ୟକାରୀ କରାଯାଉନାହିଁ। ଏଭଳି ଆଉ ଏକ କରୁଣ ଚିତ୍ର ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତର ଭିନ୍ନକ୍ଷମ ଦେବକୀ ସାହୁ ଓ ସ୍ୱାମୀ ରବୀନ୍ଦ୍ରନାଥ ସାହୁଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ଦେବକୀ ୬୦% ଭିନ୍ନକ୍ଷମ ହୋଇଥିବାରୁ ମଧୁ ବାବୁ ପେନସନ ପାଇଁ ଆବେଦନ କରି ଥିଲେ ବି ଆଜି ଯାଏଁ ସେ ଅପେକ୍ଷାରେ ରହିଛନ୍ତି। ସେହିପରି ରବୀନ୍ଦ୍ର ୬୫% ଭିନ୍ନକ୍ଷମ ହୋଇ ଏନ୍‌ଏସ୍‌ଏପି ମାଧ୍ୟମରେ ଭତ୍ତା ପାଇଁ ଆବେଦନ କରିଥିଲେ । କିନ୍ତୁ ୬ ମାସ ହେବ ସେମାନେ ଦୁହେଁ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟ ଦୌଡି ଦୌଡି ନୟାନ୍ତ ହୋଇ ସାରିଛନ୍ତି । ତଥାପି ଭତ୍ତା ପାଇଲେ ନାହିଁ। ଏନେଇ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ପଚାରିଲେ ହେଇଯିବ ବୋଲି କହୁଥିବା ଅସହାୟ ଭିନ୍ନକ୍ଷମ ଦେବକୀ ଓ ରବୀନ୍ଦ୍ର ଅଭିଯୋଗ କରିଛନ୍ତି। ଏ ନେଇ ମିର୍ଜାପୁର ସରପଞ୍ଚ ପ୍ରଶାନ୍ତ କୁମାର ଦାସ ଓ ଭିଏଲଡବ୍ଲ୍ୟୁ ଅନାମ ଚରଣ ରାଉତଙ୍କୁ ପଚାରିବାରୁ ସେମାନେ କହିଛନ୍ତି ବ୍ଲକରେ ସେମାନଙ୍କ ଆବେଦନ ପତ୍ର ଦିଆଯାଇଛି। ଖୁବଶୀଘ୍ର ମଞ୍ଜୁର ହେବାର ଆଶା ଅଛି ବୋଲି ସେମାନେ କହିଛନ୍ତି।

# ଜାତୀୟ ଗୁଣବତ୍ତା ସମ୍ମେଳନରେ ଭିସା ଷ୍ଟିଲ୍‌କୁ ସ୍ୱର୍ଣ୍ଣ




କଳିଙ୍ଗନଗର,୧୯।୧୦(ଡି.ଏନ.ଏ.) ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ଭିସା ଷ୍ଟିଲ୍‌କୁ ଜାତୀୟ ଗୁଣବତ୍ତା ସମ୍ମେଳନରେ ସ୍ୱର୍ଣ୍ଣ ପଦକ ମିଳିଛି। ଭିସା ଷ୍ଟିଲ୍ କାରଖାନାର ଅଧିକାରୀମାନଙ୍କୁ ନେଇ ଗଠିତ ୪ଟି ଦଳ ଆଲଫା, ଅଭିନ୍ୟ, ଇନୋଭେଟର ଓ ସଞ୍ଚୟ କ୍ୱାଲିଟି ସର୍କଲ ଫୋରମ ଅଫ୍ ଇଣ୍ଡିଆର ଭୁବନେଶ୍ୱର ପରିଚ୍ଛେଦ ଦ୍ୱାରା ଗତ ସପ୍ତାହରେ ଆୟୋଜିତ ଗୁଣବତ୍ତା କାର୍ଯ୍ୟକ୍ରମରେ ଭାଗନେଇ ଏହି ପୁରସ୍କାର ଜିତିବାର ଗୌରବ ଅର୍ଜନ କରିଛନ୍ତି। ଏହି ସଫଳତା ହାସଲ ପରେ ଜାତୀୟସ୍ତରର ପ୍ରତିଯୋଗିତାରେ ଭାଗ ନେବାପାଇଁ ଭିସା ଷ୍ଟିଲ ପ୍ରତିନିଧି ଦଳ ଯୋଗ୍ୟ ବିବେଚିତ ହୋଇଛନ୍ତି। ଗୁଣବତ୍ତା କ୍ଷେତ୍ରରେ ବହୁମୂଲ୍ୟ ଯୋଗଦାନ ପାଇଁ କ୍ୱାଲିଟି ସର୍କଲ ଫୋରମ ଅଫ ଇଣ୍ଡିଆ ତରଫରୁ ଭିସା କାରଖାନାକୁ ମଧ୍ୟ ପୁରସ୍କୃତ କରାଯାଇଛି। ଏହି ସଫଳତା ପାଇଁ କାରଖାନାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। କାରଖାନା ନିର୍ଦ୍ଦେଶକ ମନୋଜ କୁମାର ସଭାରେ ଯୋଗଦେଇ ସମସ୍ତ ସଭ୍ୟଙ୍କୁ ଭୁୟସୀ ପ୍ରଶଂସା କରିବାସହ କାରଖାନାର କର୍ମଚାରୀଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ନିର୍ଦ୍ଦେଶକ କୁମାର ଆଗକୁ ଅନୁଷ୍ଠିତ ହେବାକୁଥିବା ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭିସା ଷ୍ଟିଲ ସଫଳତା ହାସଲ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ଆଲଫା, ଅଭିନ୍ୟ, ଇନୋଭେଟର ଓ ସଞ୍ଚୟ ଦଳର ସମସ୍ତ ସଭ୍ୟଙ୍କୁ ପୁରସ୍କୃତ କରାଯାଇଥିଲା।

## ସ୍କୁଲ ବନ୍ଦକୁ ନେଇ ଅସନ୍ତୋଷ

ପଟ୍ଟାମୁଣ୍ଡାଇ,୧୯।୧୦(ସ୍ୱ.ପ୍ର.) କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକର ସର୍ବପୁରାତନ ରାଉତ ସାହି ପ୍ରାଇମେରୀ ସ୍କୁଲକୁ ବନ୍ଦ କରାଯାଇ ଅମୃତମଣୋହି ନୋଡାଲ ପ୍ରାଇମେରୀ ସ୍କୁଲ ସହ ମିଶ୍ରଣ କରିଦିଆଯାଇଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପଟ୍ଟାମୁଣ୍ଡାଇ ବଲୁରିଆ ରାଉତ ସାହିରେ ୮୦ ବର୍ଷ ହେବ ଏହି ପ୍ରାଇମେରୀ ସ୍କୁଲଟି ରହିଅଛି। ସ୍କୁଲ ମିଶ୍ରଣରେ ଏହି ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଉପସ୍ଥାପନ କମ ଥିବାରୁ ଏହି ପ୍ରାଇମେରୀ ସ୍କୁଲକୁ ଅମୃତମଣୋହି ନୋଡାଲ ସ୍କୁଲ ସହ ମିଶ୍ରଣ କରାଯାଇଛି। ଏହି ରାଉତସାହିର ହରିଜନ ବସ୍ତିରେ ଆଉ ଏକ ପ୍ରାଇମେରୀ ସ୍କୁଲ ରହିଛି। ସରକାର ଅମୃତମଣୋହି ନୋଡାଲ ସ୍କୁଲରେ ରାଉତ ସାହି ନୋଡାଲ ସ୍କୁଲରେ ମିଶ୍ରଣ କରିବା କେତେଦୂର ସମୀଚିନ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାଉତସାହି ପ୍ରାଇମେରୀ ସ୍କୁଲରେ ଅଧ୍ୟୟନ କରୁଥିବା ପିଲାଙ୍କୁ ପ୍ରାୟ ୪ କିମି ଅମୃତମଣୋହି ନୋଡାଲ ସ୍କୁଲକୁ ପଠାଇବା ଅତି ଦୁର୍ଭାଗ୍ୟ ଜନକ ବୋଲି ଅଭିଭାବକମାନେ କହିଛନ୍ତି। ରାଉତ ସାହି ପ୍ରାଇମେରୀ ସ୍କୁଲରେ ୩୦ରୁ ଅଧିକ ପିଲା ଥିଲେ ମଧ୍ୟ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀ ଏଥିପ୍ରତି ଗୁରୁତ୍ୱ ନ ଦେବା ଛାତ୍ର ଅଭିଭାବକଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖା ଦେଇଛି।

## ବିରଜା ଆଇନ ମହାବିଦ୍ୟାଳୟରେ ସ୍ୱତନ୍ତ୍ର ସେବା ଶିବିର




ସ୍ୱତନ୍ତ୍ର ସେବା ଶିବିରରେ ଯୋଗଦେଇଥିବା ଅତିଥି।

ଯାଜପୁର ସଦର,୧୯।୧୦(ଡି.ଏନ୍.ଏ.) ଯାଜପୁର ଆଙ୍କୁଲାସ୍ଥିତ ବିରଜା ଆଇନ ମହାବିଦ୍ୟାଳୟର ସପ୍ତାହ ବ୍ୟାପୀ ସ୍ୱତନ୍ତ୍ର ପୂଜାକାଳୀନ ଜାତୀୟ ସେବା ଯୋଜନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ପ୍ରମୋଦ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ସେବା ଯୋଜନା ଉପରେ ଆଲୋକପାତ କରିଥିଲେ। କଲେଜର ବରିଷ୍ଠ ଅଧ୍ୟାପକ ଡ. ସୁଦର୍ଶନ ବେହେରା 'ନଟ୍ ମି ବଟ୍ ୟୁ' ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇନ କଲେଜ ଅଧ୍ୟକ୍ଷ ଡ. ଶଶାଙ୍କ ଶେଖର ପାଣିଗ୍ରାହୀ ଶିବିରାର୍ଥୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ସେମାନେ ୨୪ଘଣ୍ଟା ଜାଗ୍ରତ ରହିବା ଉଚିତ। ଠିକ୍ ସମୟରେ ଉଚିତ ପଦକ୍ଷେପ ନେବା ଶିବିରାର୍ଥୀଙ୍କ ଲକ୍ଷ୍ୟ ହେବା ଆବଶ୍ୟକ। ପ୍ରୋଗ୍ରାମ ଅଫିସର ବଟକୃଷ୍ଣ ମହାପାତ୍ର ସପ୍ତାହବ୍ୟାପୀ କାର୍ଯ୍ୟକ୍ରମର ଧାରାବିବରଣୀ ପାଠ କରିଥିଲେ। ଏଥିରେ ସିଏସ୍‌ଏନ୍‌ଆରର ସମ୍ପାଦକ ଧୀରେନ୍ଦ୍ର ପଣ୍ଡା, ସିଏସ୍‌ଏଫ୍‌ଏଚ୍‌ଆରର କନ୍‌ଭେନର ଚନ୍ଦ୍ରନାଥ ଦାନି, ହୃଷୀକେଶ ପଣ୍ଡା ଓ ଯାଜପୁର ଏସ୍‌ବିଆଇଟିଫ୍ ମ୍ୟାନେଜର ଭାଗିରଥି ମେହେର ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରିବା ସହିତ ସେବା ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଯାଜପୁର ଅଗ୍ନିଶମ ବିଭାଗ ଷ୍ଟେସନ୍ ଅଫିସର ଅଜିତ୍ କୁମାର ରାଉତ ଓ ତାଙ୍କ ଟିମ୍ ଅଗ୍ନିଶମ ଜନିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରର ସଫଳତା ପାଇଁ ସମସ୍ତ କଲେଜର କର୍ମଚାରୀ ଓ ଶିବିରାର୍ଥୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା। ଶିବିରକୁ ସାମାଜିକ କର୍ମୀ ଦିଗମ୍ବର କର ଉଦ୍‌ଘାଟନ କରିଥିଲେ।

## ସୂଚନା ଅଧିକାର କର୍ମୀଙ୍କୁ ତଥ୍ୟ ମିଳୁନି

ଧର୍ମଶାଳା,୧୯।୧୦(ଡି.ଏନ.ଏ.) ସୂଚନା ଅଧିକାର ଆଇନ ବଳରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ବିଭିନ୍ନ ପ୍ରସଙ୍ଗରେ ତଥ୍ୟ ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଇଛି। ହେଲେ ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ଏହାର ବ୍ୟତିକ୍ରମ ହେଉଥିବା ଅଭିଯୋଗ ହୋଇଛି। ଧର୍ମଶାଳା ଅଞ୍ଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଧର୍ମଶାଳା ତହସିଲ କାର୍ଯ୍ୟାଳୟରୁ ବିଭିନ୍ନ ପ୍ରସଙ୍ଗରେ ତଥ୍ୟ ସୂଚନା ଅଧିକାର ଆଇନ ବଳରେ ମାଗିଥିଲେ। ହେଲେ ତହସିଲ କାର୍ଯ୍ୟାଳୟରୁ ତାଙ୍କୁ କୌଣସି ତଥ୍ୟ ପ୍ରଦାନ କରାଯାଉ ନାହିଁ। ସେହିପରି ଏଠାରେ ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବା ନେଇ ବେହୁରିଆ ଅଭିଯୋଗ କରିଛନ୍ତି। ତେବେ ଆଗାମୀ ୧୫ ଦିନ ମଧ୍ୟରେ ତାଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରା ନ ଗଲେ ସେ ଆସନ୍ତା ୪ ତାରିଖରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣତାନ୍ତ୍ରୀକ ପଦ୍ଧତିରେ ଧାରଣା ଦେବେ। ଏନେଇ ସେ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇବା ସହ ଏହାର ନକଲ ଯାଜପୁର ଜିଲାପାଳ ଓ ସ୍ଥାନୀୟ ଥାନା ଅଧିକାରୀଙ୍କୁ ପ୍ରେରଣ କରିଛନ୍ତି। ଏ ସମ୍ପର୍କରେ ତହସିଲ ପ୍ରଶାସନର ପ୍ରତିକ୍ରିୟା ମିଳି ପାରିନହିଁ।

## ପୁସ୍ତକ ମେଳା ସଂକ୍ରାନ୍ତରେ ସଂସ୍କୃତି ନିର୍ଦ୍ଦେଶକଙ୍କ ସହ ଆଲୋଚନା

ଭୁବନେଶ୍ୱର,୧୯।୧୦(ବ୍ୟୁରୋ) ଉତ୍କଳ ପ୍ରକାଶକ ଓ ପୁସ୍ତକ ବିକ୍ରେତା ସଂଘର ଏକ ପ୍ରତିନିଧି ଦଳ ବୁଧବାର ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କୁ ଭେଟି ପୁସ୍ତକମେଳା 'ଅକ୍ଷର'ର ଆୟୋଜନ ନେଇ ଆଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପୁସ୍ତକମେଳା ଆୟୋଜନ କରାଯାଉଥିବାବେଳେ ପ୍ରତିନିଧି ମଣ୍ଡଳୀ ପାଞ୍ଚଦଫା ପରାମର୍ଶ ସମ୍ବଳିତ ଏକ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ମେଳା ଆୟୋଜନରେ ନାନାଦି ସଂସ୍କାର ଓ ପ୍ରକାଶକଙ୍କ ସକ୍ରିୟ ସଂପୃକ୍ତି ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସଂଘର ସାଧାରଣ ପରିଷଦ କର୍ମକର୍ତ୍ତା କ୍ଷୀରୋଦ ପତି, ବନୋଜ ତ୍ରିପାଠୀ, ପ୍ରଦୀପ୍ତ କୁମାର ବେହୁରା, ସରୋଜ ବଳ ଓ ଶୁଭ୍ରାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବାତ୍ୟା ଆଶ୍ରୟସ୍ଥଳୀ କମିଟି ସଦସ୍ୟଙ୍କ ପ୍ରଶିକ୍ଷଣ ଶିବିର



ବାତ୍ୟା ଆଶ୍ରୟସ୍ଥଳୀ କମିଟି ସଦସ୍ୟଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

ପ୍ରୀତିପୁର,୧୯।୧୦(ଡି.ଏନ.ଏ.) ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତରେ ଥିବା ବହୁମୁଖି ବନ୍ୟା ଆଶ୍ରୟସ୍ଥଳୀଠାରେ ବୁଧବାର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀସ୍ତରୀୟ କମିଟିର ସଭ୍ୟାସଭ୍ୟ ଏବଂ ସ୍ୱେଚ୍ଛାସେବୀମାନଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଆୟୋଜିତ ଏକ ସଭାରେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ବିଞ୍ଝାରପୁର ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ମିନତୀ ଜଗଦେବ, ବାଙ୍ଗରା ସରପଞ୍ଚ ଜ୍ଞାନରଞ୍ଜନ ଜେନାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରଶିକ୍ଷକ ଶୈଳେନ୍ଦ୍ର ସାମଲ ସମ୍ଭାବ୍ୟ ବାତ୍ୟା ସମୟରେ କିପରି ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ସହିତ ଧନ ଜୀବନ ରକ୍ଷା କରାଯାଇପାରିବ ତାହା ଉପରେ ପ୍ରଶିକ୍ଷଣ ଦେଇଥିଲେ।

# ବିଦ୍ୟାଳୟ ସ୍ଥାନାନ୍ତର ଘଟଣାର ତଦନ୍ତ ଆରମ୍ଭ

ରସୁଲପୁର,୧୯।୧୦(ଡି.ଏନ.ଏ.) ରସୁଲପୁର ବ୍ଲକ ଅଧୀନ ଟିକରପଡ଼ା ପଞ୍ଚାୟତ କୁଜିବର ପ୍ରାଥମିକ ବିଦ୍ୟାଳୟକୁ ସେହି ପଞ୍ଚାୟତର ଜାଗୁଲାଇ ନୋଡାଲ ବିଦ୍ୟାଳରେ ମିଶ୍ରଣ କରାଯାଇଛି। ତେବେ ମିଶ୍ରଣ ନିୟମ ଭିତରେ ଏହି ବିଦ୍ୟାଳୟ ଆସୁ ନ ଥିବା ସତ୍ତ୍ୱେ ଶିକ୍ଷା ବିଭାଗ ପକ୍ଷରୁ କୁଜିବର ନୋଡାଲ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର ପାଇଁ ନୋଟିସ ଜାରି କରାଯାଇଥିଲା। ଏହାକୁ ନେଇ ଅଭିଭାବକ, ସ୍ଥାନୀୟ ମୁରବି ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବିଦ୍ୟାଳୟ ପୂର୍ବସ୍ଥାନରୁ ସ୍ଥାନାନ୍ତର ହୋଇପାରିବ ନାହିଁ ବୋଲି ଅଭିଭାବକ ଓ ବିଦ୍ୟାର୍ଥୀ ଜିଦ୍ ଧରି ଧାରଣାରେ ବସିଥିଲେ। ତେଣୁ ବିଡିଓଙ୍କ ନେତୃତ୍ୱରେ ଏକ ମିଳିତ କମିଟି ଗଠନ କରାଯାଇ ଏହାର ତଦନ୍ତ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀଚରଣ ମଲିକ, ମହିଳା ଶିଶୁ ବିଭାଗ ଅଧିକାରୀ ସତ୍ୟଭାମା ସାହୁଙ୍କୁ ନେଇ ୩ଜଣିଆ କମିଟି ତଦନ୍ତ ପାଇଁ କୁଜିବର ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲେ। ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଦନ୍ତ କମିଟି ସମ୍ମୁଖରେ ହାଜର ହୋଇଥିଲେ। ମିଶ୍ରଣ ବିଦ୍ୟାଳୟରେ ଶେଷ ୩ବର୍ଷରେ ପଢୁଥିବା ପିଲା ସଂଖ୍ୟା, ଉଭୟ ବିଦ୍ୟାଳୟ ମଧ୍ୟରେ ରହିଥିବା ଦୂରତା, ମିଶ୍ରଣ ହୋଇଥିବା ବିଦ୍ୟାଳୟ ପରିଚାଳନା କରିବାରେ ରହିଥିବା ସମସ୍ୟା ଆଦି ସମ୍ପର୍କରେ ତଦନ୍ତ ହୋଇଥିଲା। ଏ ନେଇ ରିପୋର୍ଟ ଜିଲା ପ୍ରଶାସନକୁ ପ୍ରଦାନ କରାଯିବ ବୋଲି ତଦନ୍ତ ଅଧିକାରୀ ବିଡିଓ ସାହୁ ସୂଚନା ଦେଇଛନ୍ତି। ତେବେ ବିଦ୍ୟାଳୟ ଚାଲିବ କି ନାହିଁ ସେ ତଥ୍ୟକୁ ଗୋପନୀୟ ରଖାଯାଇଛି। ରିପୋର୍ଟ ପ୍ରଦାନ ପରେ ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ ଏ ଦିଗରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି। ତଦନ୍ତରେ ଏବିଡିଓ ଦିବ୍ୟକାନ୍ତି ମିଶ୍ର ସହାୟତା କରିଥିଲେ।

ପ୍ରକାଶଥାଉକି, ଏହି ବ୍ଲକ ଅଧୀନରେ ୯ଟି ସ୍କୁଲକୁ ଅନ୍ୟ ବିଦ୍ୟାଳୟରେ ମିଶ୍ରଣ କରାଯାଇଛି। ସେଥିମଧ୍ୟରୁ କେତେକ ବିଦ୍ୟାଳୟରେ ମିଶ୍ରଣ ପ୍ରକ୍ରିୟାକୁ ସ୍ଥାନୀୟ ଅଞ୍ଚଳରେ ବିରୋଧ କରାଯାଇଛି। କେତେକ ସ୍ଥାନରେ ଲୋକେ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ତେଣୁ ସମସ୍ୟାର ସମାଧାନ ପାଇଁ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଆସିଥିବାରୁ ଏନେଇ ଏକ କମିଟି ଗଠନ କରାଯାଇଛି। କମିଟି ସଦସ୍ୟ ବିଭିନ୍ନ ମିଶ୍ରଣ ବିଦ୍ୟାଳୟକୁ ଯାଇ ତଦନ୍ତ କରିବେ ବୋଲି ତଦନ୍ତ ଅଧିକାରୀଙ୍କଠାରୁ ସୂଚନା ମିଳିଛି।



ଅଧିକାରୀମାନେ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରୁଛନ୍ତି।

# କ୍ଷତିପୂରଣ ଦାବିରେ ଧାରଣା

## ଭସାଣି ଶୋଭାଯାତ୍ରାରେ ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ଘଟଣା



ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ କ୍ଷତିପୂରଣ ଦାବିରେ ପରିବାର ସଦସ୍ୟ ଓ ଗ୍ରାମବାସୀ ଧାରଣା ଦେଇଛନ୍ତି।

ମାର୍ଶାଘାଇ, ୧୯।୧୦ (ଡି.ଏନ.ଏ.) କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ କଷୋଟି ଗାଁରେ ଗଜଲକ୍ଷ୍ମୀ ଭସାଣି ସମୟରେ ମଙ୍ଗଳବାର ବିଦ୍ୟୁତ୍ ଆଘାତରେ ବିଶ୍ୱଜିତ ଲେଙ୍କା(୨୮)ଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ଟାଟାପାୱାର ଡିଭିଜନ ଅଫିସ୍ ସମ୍ମୁଖରେ ରଖି ପରିବାର ଓ କଷୋଟି ଗ୍ରାମବାସୀଙ୍କ ପକ୍ଷରୁ କ୍ଷତିପୂରଣ ଦାବିରେ ଧାରଣା ଦିଆଯାଇଥିଲା। ମଙ୍ଗଳବାର ଦୁର୍ଘଟଣା ପାଇଁ ବିଦ୍ୟୁତ୍ ପରିଚାଳନା କରୁଥିବା ଟାଟାପାୱାରକୁ ସେମାନେ ଦାୟୀ କରିଥିଲେ। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲିମନୋଭାବ ଯୋଗୁ ଜଣେ ଯୁବକଙ୍କ ଜୀବନ ଚାଲିଯିବାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କାର କ୍ଷତିପୂରଣ ଦାବିକରି ପୂର୍ବାହ୍ନ ୧୧ଟାଠାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଅପରପକ୍ଷରେ ଟାଟାପାୱାରର କୌଣସି ଅଧିକାରୀ ଧାରଣାସ୍ଥଳକୁ ଆସି ନ ଥିଲେ। ଫଳରେ ଧାରଣାରତ ଲୋକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଖବରପାଇ ମାର୍ଶାଘାଇ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟ, ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳ, କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜୟନ୍ତ ମହାପାତ୍ର ପ୍ରମୁଖ ଧାରଣା ସ୍ଥଳରେ ପହଞ୍ଚି ଧାରଣାରତ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ଏ ନେଇ ଟାଟାପାୱାର ଅଧିକାରୀଙ୍କ ସହ ସମ୍ପର୍କ ସ୍ଥାପନ କରାଯାଇଥିଲା। ଅପରାହ୍ନ ୫ଟାରେ ଟାଟାପାୱାର ମାର୍ଶାଘାଇ ଡିଭିଜନାଲ ମ୍ୟାନେଜର ପ୍ରତାପ ଚନ୍ଦ୍ର ସ୍ୱାଇଁ, ଜିଲାପରିଷଦ ସଭ୍ୟ ପ୍ରମୋଦ ରଥ, ତହସିଲଦାର ବିଶ୍ୱାଳ, କେନ୍ଦ୍ରାପଡା ଏସଡିପିଓ ମହାପାତ୍ର, ଥାନା ଅଧିକାରୀ ସାମନ୍ତରାୟ, ମାର୍ଶାଘାଇ ସରପଞ୍ଚ ଭାଗବତ ବେହେରା, ମଣିକୁଣ୍ଡା ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ରାଉତ, କଷୋଟି ଗ୍ରାମର ମୁରବୀ, ମୃତକଙ୍କ ପରିବାର ସହ ଆଲୋଚନା କରାଯାଇଥିଲା। ବିଦ୍ୟୁତ୍ ଆଘାତରେ ମୃତ ବିଶ୍ୱଜିତଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଟାଟାପାୱାରରେ ସ୍ଥାୟୀ ନିଯୁକ୍ତି ସହ ୧୫ ହଜାର ଟଙ୍କା କ୍ଷତିପୂରଣ ଦେବା ସହ ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଓ ଆହତ ୪ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ସନ୍ଧ୍ୟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ସଂକ୍ଷେପରେ

### ସାପ କାମୁଡାରେ ମହିଳା ମୃତ

ଦିଗପହଣ୍ଡି,୧୯।୧୦(ଡି.ଏନ.ଏ.)-ଦିଗପହଣ୍ଡି ଥାନା ପତାଣ୍ଡ ଗ୍ରାମର ସାପ କମୁଡାରେ ବୁଧବାର ଜଣେ ମହିଳା ମୃତ୍ୟୁ ଘଟିଛି। ସେ ହେଲେ ଏହି ପାଣ୍ଡା ନାଇକଙ୍କ ସ୍ତ୍ରୀ ରଶ୍ମିତା(୩୦)। ମଙ୍ଗଳବାର ଅପରାହ୍ନରେ ରଶ୍ମିତା ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ଫଳରେ ମହିଳା ଘଟଣାସ୍ଥଳରେ ଗୁରୁତର ହୋଇଯାଇଥିଲେ। ଉକ୍ତ ଘଟଣା ସ୍ୱାମୀ ପାଣ୍ଡା ନାଇକ ରାତି ୮ଟାରେ ଜାଣିବା ପରେ ସାହି ପଡ଼ୋଶୀଙ୍କ ସହାୟତାରେ ଗୁରୁତର ମହିଳାଙ୍କୁ ଉଦ୍ଧାରକରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରିବା ପରେ ବ୍ରହ୍ମପୁର ବଡ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା।

### ବାଣ ଗୋଦାମରେ ଚଢ଼ାଉ, ୫ ଅଟକ

ଦିଗପହଣ୍ଡି,୧୯।୧୦(ଡି.ଏନ.ଏ.)- ଗଞ୍ଜାମ ଜିଲା ପାଟପୁର ଏବଂ ଦିଗପହଣ୍ଡି ପୋଲିସ ବୁଧବାର ରାତିରେ ଡେଙ୍ଗାଓସ୍ତା, ପୋଡାମାରି ଗ୍ରାମ ସ୍ଥିତ ୪ ବେଆଇନ ବାଣ ଗୋଦାମରେ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଛି। ଏହି ଘଟଣାରେ ୫ ଜଣଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ଡେଙ୍ଗାଓସ୍ତା ଓ ପୋଡାମାରିରେ ବେଆଇନ ବାଣ ଗୋଦାମ ଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଏଥିସହ ପାଟପୁର ପୋଲିସ ୪ ଅଭିଯୁକ୍ତ ନାମରେ ୪ ମାମଲାରୁଜୁ କରିଥିବା ବେଳେ ଦିଗପହଣ୍ଡି ପୋଲିସ ଗୋଟିଏ ମାମଲା ରୁଜୁ କରି ଜଣେ ବ୍ୟବସାୟୀଙ୍କୁ ଥାନାରେ ଅଟକ ରଖିଛି। ସଂପୃକ୍ତ ବ୍ୟବସାୟୀଙ୍କ ଅନ୍ୟାନ୍ୟ ଗୋଦାମରେ ବିପୁଳ ପରିମାଣର ବାଣ ଗଚ୍ଛିତ ଥିବା ପୋଲିସ ସନ୍ଦେହ କରୁଛି।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନ ଶୁଣାଣି ଶିବିର

ଶେରଗଡ,୧୯।୧୦(ଡି.ଏନ.ଏ.)- ଶେରଗଡ ବ୍ଲକ ସ୍ୱରାୟ ଏମ୍‌ଜିଏନ୍‌ଆର ଇଜିଏସ୍ ଜନ ଶୁଣାଣି ଶିବିର ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଜିଲା ଶିକ୍ଷ କେନ୍ଦ୍ର ସାଧାରଣ ପରିଚାଳକ ମହେଶ ଚୌଧୁରୀ ଅଧକ୍ଷତା କରିଥିଲେ। ଦୀପ ପ୍ରଜ୍ୱଳନ ପରେ ଶିବିର ଆରମ୍ଭ ହୋଇଥିଲା। ପ୍ରଥମେ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ବିଷ୍ଣୁ ପ୍ରସାଦ ପଣ୍ଡା ପୂର୍ବ ସମୀକ୍ଷା ବୈଠକର ବିବିରଣୀ ପାଠ କରିଥିଲେ। ବିଡିଓ ସିବାସୀଷ ବରାଳ ଅତିଟି ଅଧିକାରୀ ରବୀନ୍ଦ୍ର ନାଥ ମଲାନଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ବ୍ଲକକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମୋଟ ୧୫୮୪୯୦ କାର୍ଯ୍ୟ ଦିବସ ସୃଷ୍ଟି କରିବାକୁ ଧାର୍ଯ୍ୟ କରାଯାଇଥିଲା। ସେଥିରୁ ୨୨ପଞ୍ଚାୟତରେ ମୋଟ ଏପ୍ରିଲ ୧ ରୁ ୩୦ସେପ୍ଟେମ୍ବର ୨୦୨୨ପର୍ଯ୍ୟନ୍ତ ୬୯୩୫୧୦ କାର୍ଯ୍ୟ ଦିବସ ସୃଷ୍ଟି ହୋଇଛି। ୧୫୭୦୦ପରିବାର ସାମିଲ ଥିବାବେଳେ୨୩୨୬୩ଜଣ କାର୍ଯ୍ୟରେ ସାମିଲ ଥିଲେ। ୫୮୬୪ଜଣ ଜବ କାର୍ଡ ଧାରୀ ୧୦୦ଦିନ କାର୍ଯ୍ୟ କରିଥିବା ବେଳେ ମୋଟ ୪୯୬ ପ୍ରକଳ୍ପ ସରିଛି ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାରନାଥ ପଣ୍ଡା,ସିଡିପିଓ ଗୀତାଞ୍ଜଳି ରାଉଳ, ଯୋଗାଣ ନିରୀକ୍ଷିକ ବିଭୁ ସାହୁ ଉପସ୍ଥିତ ଥିଲେ।

### ଚୋରି ବାଇକ ଉଦ୍ଧାର, ଅଭିଯୁକ୍ତ କୋର୍ଟ ଚାଲାଣ

ଗୋପାଳପୁର,୧୯।୧୦(ଡି.ଏନ.ଏ.)- ଗୋଳନ୍ଥରା ଥାନା ପୋଲିସ ଏକ ଚୋରି ହୋଇଥିବା ବାଇକକୁ ଜବତ କରିବା ସହ ଚୋରି କରିଛି। ଏହି ଘଟଣାରେ ଜଣେ ଯୁବକକୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଗୋବିନ୍ଦନଗର ଗାଁର ସନ୍ତୋଷ ସାହୁ। ଗତ ସେପ୍ଟେମ୍ବର ୨୭ରେ ଗୋଳନ୍ଥରା ଥାନା ଅଧୀନ କୋଠାରଶିଙ୍ଗ ଗାଁର ଡି. କ୍ରିଷ୍ଣାମୂର୍ତ୍ତି ରେଡ୍ଡୀଙ୍କ ଏକ ବାଇକ (ନଂ ଓଡ଼ି୦୭ଏ-୨୨୭୪) ଘର ନିକଟରୁ ଚୋରି ହୋଇଥିବା ନେଇ ରେଡ୍ଡୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ଏଏସଆଇ କହ୍ନେଇ ମିର୍ଦ୍ଧା ତଦନ୍ତ ଜାରୀ ରଖିଥିଲେ। ମଙ୍ଗଳବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ହଳଦିଆପଦର ଅଞ୍ଚଳରେ ସନ୍ଦେହଜନକ ଅବସ୍ଥାରେ ବାଇକ ସହ ସନ୍ତୋଷକୁ ଥାନାକୁ ଆଣି ପଚରାଉଚରା କରିଥିଲା। ବାଇକ ଚୋରି କରିଥିବା ସ୍ୱୀକାର କରିବା ପରେ ବାଇକକୁ ଜବତ କରି ନଂ.୩୫୫/୨୨ ଅନୁଯାୟୀ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ଗିରଫ କରିଥିବା ତଦନ୍ତ ଅଧିକାରୀ ଏଏସଆଇ ମିର୍ଦ୍ଧା ସୂଚନା ଦେଇଛନ୍ତି।

# ଫାଇନାନ୍ସ କର୍ମଚାରୀଙ୍କଠୁ ଲୁଟ୍ ଘଟଣାରେ ୭ ଗିରଫ

**ବୁଗୁଡ଼ା,୧୯।୧୦(ଡି.ଏନ.ଏ.)**


ଗିରଫ ଅଭିଯୁକ୍ତମାନେ।

ବୁଗୁଡ଼ା ଥାନା ଅନ୍ତର୍ଗତ ବାଘୁଆଠାରେ ଫାଇନାନ୍ସ କର୍ମଚାରୀ ରାଜେଶ ମହାପାତ୍ରଙ୍କୁ ମାଡ ମାରି ୭୦ ହଜାର ଟଙ୍କା ଲୁଟ୍ ଘଟଣାରେ ପୋଲିସ ୭ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗନ୍ନାଥ ପ୍ରସାଦ ଥାନା ଅଞ୍ଚଳର ଗୋପୀ ନାଇକ, ମନୋଜ ନାଇକ ଓ ସୁଧାଂଶୁ ଶେଖର ପ୍ରଧାନ, ଓଡଗାଁ ଥାନା ଅଞ୍ଚଳର ଆଲୋକ ସାହୁ ଓ ଶଙ୍କର ଓରଫ୍ ସୋମନାଥ ସାହୁ, ବୁଗୁଡ଼ା ଥାନା ଅଞ୍ଚଳର ପ୍ରମୋଦ ନାଇକ, କବିସୂର୍ଯ୍ୟନଗର ଥାନା ଅଞ୍ଚଳର ଟୁଟୁ ଓରଫ୍ କୃଷ୍ଣମୂର୍ତ୍ତି ସ୍ୱାଇଁ। ଏନେଇ ବୁଗୁଡ଼ା ଥାନାରେ ନଂ. ୫୮୮/୨୨ରେ ଲୁଟ୍ ମାମଲା ରୁଜୁ ହୋଇଛି। ସେମାନଙ୍କଠାରୁ ୨ ବାଇକ୍, ୩ ମୋବାଇଲ୍ ଓ ୧୧୬୭୦ ଟଙ୍କା ଜବତ କରାଯାଇଥିବା ନେଇ ଆଇଆଇସି ଚିତ୍ତ ରଞ୍ଜନ ବେହେରାଙ୍କଠାରୁ ଏକ ପ୍ରେସ୍ ନୋଟ୍ ମାଧ୍ୟମରେ ପ୍ରକାଶ। ନୟାଗଡ ଅଞ୍ଚଳର ଆରବିଏଲ୍ ଫାଇନାନ୍ସ କମ୍ପାନୀ କର୍ମଚାରୀ ରାଜେଶ ମହାପାତ୍ର ଗ୍ରୁପ୍ ଲୋନ୍ ସଂଗ୍ରହ କରିବା ପାଇଁ ଗତ ୮ ତାରିଖରେ ବାଇକରେ ବୁଗୁଡ଼ା ଅଞ୍ଚଳକୁ ଆସିଥିଲେ। ବୁଗୁଡା ଥାନା ଅଞ୍ଚଳର ବାଘୁଆଠାରେ ପହଞ୍ଚିବା ବେଳକୁ ପୂର୍ବ ପ୍ରସ୍ତୁତି ଅନୁସାରେ ୪ ଯୁବକ ତାଙ୍କୁ ଅଟକାଇ ମାଡ ମାରିବା ସହ ତାଙ୍କଠାରୁ ଟଙ୍କା ଲୁଟିନେଇଥିଲେ। ଏନେଇ ଫାଇନାନ୍ସ କର୍ମଚାରୀ ଜଣକ ବୁଗୁଡ଼ା ଥାନାରେ ଅଭିଯୋଗ କରିବା ପରେ ଜିଲା ଆରକ୍ଷୀ ଅଧିକ୍ଷକ ବ୍ରିଜେଶ ରାୟଙ୍କ ନିର୍ଦ୍ଦେଶକ୍ରମେ ଭଞ୍ଜନଗର ଏସଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କ ତତ୍ତ୍ୱାବଧାନରେ ଥାନା ଆଇଆଇସି ଚିତ୍ତ ରଞ୍ଜନ ବେହେରା, ଅତିରିକ୍ତ ଥାନା ଅଧିକାରୀ ଶର୍ମିଷ୍ଠା ପ୍ରଧାନ, ଏସ୍‌ଆଇ ସମୀର କୁମାର ସେଠୀ, ଏସଆଇ କାହ୍ନୁଚରଣ ବାରିକ ଏବଂ ପୋଲିସ କର୍ମଚାରୀଙ୍କୁ ନେଇ ଦୁଇଟି ଟିମ୍ ଗଠନ କରି ଘଟଣାର ଛାନଭିନ୍ ଆରମ୍ଭ କରିଥିଲେ।

# ପାରିବାରିକ କଳହରୁ ସ୍ତ୍ରୀଙ୍କୁ ଗୁଳି

## ଏମ୍‌କେସିଜି ମେଡିକାଲରେ ଭର୍ତ୍ତି

**ଧରାକୋଟ/ସୋରଡ଼ା, ୧୯।୧୦(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ବଡ଼ଗଡ଼ ଥାନା ଅନ୍ତର୍ଗତ ରୁଗୁମୁ ପଞ୍ଚାୟତ ରାଶିବାଡି ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ଏରୋଗୋଲା ସମ୍ପ୍ରଦାୟର ଜଣେ ବ୍ୟକ୍ତି ସ୍ତ୍ରୀଙ୍କୁ ଗୁଳିମାଡ଼ କରିଛନ୍ତି। ସ୍ତ୍ରୀ ଶୈଳେନ୍ଦ୍ରୀ ପାତ୍ରଙ୍କ ବାମ ହାତ ଉପର ଭାଗରେ ଗୁଳି ବାଜିଛି। ସେ ଏବେ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଅଭିଯୁକ୍ତ ସ୍ୱାମୀ ମହାଦେବ ପାତ୍ର ଫେରାର୍ ଅଛନ୍ତି।

ମହାଦେବ ଅଧିକାଂଶ ସମୟ ଘରେ ଝଗଡ଼ା କରନ୍ତି। ବୁଧବାର ମଧ୍ୟାହ୍ନରେ ସେ ଦେଶୀ ବନ୍ଧୁକ ଧରି ଶିକାର ପାଇଁ ଜଙ୍ଗଲକୁ ଯାଉଥିଲେ। ସ୍ତ୍ରୀ ଶୈଳେନ୍ଦ୍ରୀ ମଧ୍ୟ ସାଥିରେ ଥିଲେ। ବାଟରେ ଘରର କୌଣସି ଏକ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କଷେଇ ଗାଁ ନିକଟ ହରଭଙ୍ଗୀ କେନାଲ ହିଡ଼ ରାସ୍ତାରେ ମହାଦେବ ଉତ୍ତ୍ୟକ୍ତ ହୋଇ ଶୈଳେନ୍ଦ୍ରୀଙ୍କ ଉପରକୁ ଗୁଳି ଚଳାଇଥିଲେ। ସୌଭାଗ୍ୟବଶତଃ ଗୁଳି ତାଙ୍କ ବାମ ହାତ ଉପର ଭାଗରେ ବାଜିଥିଲା। ଶୈଳେନ୍ଦ୍ରୀ ପଡ଼ିଯିବାରୁ ମହାଦେବ ଭୟଭୀତ ହୋଇ ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଶୈଳେନ୍ଦ୍ରୀଙ୍କୁ ପ୍ରଥମେ ଆସିକା ଡାକ୍ତରଖାନା ଓ ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଘରୋଇ କଳହକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଛି। ଏହାର ତଦନ୍ତ ଜାରି ରହିଥିବା ବଡଗଡ ଥାନା ଅଧିକାରୀ ସୂରଜ କୁମାର ଝାଙ୍କର କହିଛନ୍ତି।

# ନେହେରୁ ଯୁବ କେନ୍ଦ୍ରର ସଫେଇ ଅଭିଯାନ

**ଫୁଲବାଣୀ ଅଫିସ, ୧୯।୧୦**

କନ୍ଧମାଳ ଜିଲା ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ସଫେଇ କାର୍ଯ୍ୟ ଚାଲିଛି । ବୁଧବାର ଫୁଲବାଣୀ ସହରର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ରାଧାକାନ୍ତ ଡିଗାଲ, ଶାରୀରିକ ପ୍ରଶିକ୍ଷକ ଅଧିକାରୀ ରଙ୍କନିଧି ବେହେରା ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ସହରର ମାଷ୍ଟରପଡା, ଫୁଲବାଣୀ ସାହି ପାଖ ପେଟ୍ରୋଲ ପମ୍ପ ନିକଟ ରାସ୍ତା ପାର୍ଶ୍ୱରେ ପଡି ରହିଥିବା ଅଳିଆ ଆବର୍ଜନା ଏବଂ ପ୍ଲାଷ୍ଟିକ, ପଲିଥିନ ଆଦିକୁ ସ୍ୱେଚ୍ଛାସେବୀମାନେ ସଫା କରିଥିଲେ । ନେହେରୁ ଯୁବ କେନ୍ଦ୍ର ଅଧିକାରୀ ନଭନୀତ କୁମାରଙ୍କ ନେତୃତ୍ୱରେ ସହକର୍ମୀ ସତ୍ୟବାନ ଦଳବେହେରା, ସ୍ୱେଚ୍ଛାସେବୀ ସୋନାଲି ଡିଗାଲ , ରୀତିମା ବାଘ, ଚନ୍ଦ୍ରମଣୀ ଦେହୁରୀ, ସିବେନ୍ଦ୍ର ଡିଗାଲ, ମିନି କଂହର, ସୁଭଦ୍ରା ମଲ୍ଲିକ, ଗୋବିନ୍ଦ କହଁର, ସମୀର ପ୍ରଧାନ, ସୁରଭି କହଁର, ପାନୁଆଲ ଡିଗାଲ, ବିକାଶ ନାୟକ, ଦିଗବିଜୟ ପ୍ରଧାନ, ଅଜିତ ମଝିଆ ସେଠ, ଚନ୍ଦନ ପୃଷ୍ଟି ପ୍ରମୁଖ ସଫେଇ କାର୍ଯ୍ୟରେ ସାମିଲ ଥିଲେ। ନେହେରୁ ଯୁବକେନ୍ଦ୍ର ଫୁଲବାଣୀ ତରଫରୁ ୨୪ ହଜାର କେଜି ପ୍ଲାଷ୍ଟିକ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

# ବାପଘର ଛାଡି ଅସ୍ଥାୟୀ ମଣ୍ଡପକୁ ଗଲେ ଗୌରୀ ଆମ୍ମା

**ପୋଲସରା,୧୯।୧୦(ଡି.ଏନ.ଏ.)**


ପଟୁଆରରେ ଅସ୍ଥାୟୀ ମଣ୍ଡପକୁ ଯାଉଛନ୍ତି ମା ଗୌରୀଆମ୍ମା

ପୋଲସରାର ଗଣପର୍ବ ଭାବେ ପ୍ରସିଦ୍ଧ ଲାଭ କରିଥିବା ଗୌରୀ ଆମ୍ମା ଯାତ୍ରାକୁ ନେଇ ପୋଲସରା ସହର ଚଳଚଞ୍ଚଳ ହୋଇ ଉଠିଛି। ଏ ନେଇ ବୁଧବାର ପୋଲସରା ମୁଖ୍ୟ ସଡ଼କ ଉପରେ ଥିବା ନିଜ ବାପ ଘରୁ ଗୌରୀ ଆମ୍ମା ଏକ ବିରାଟ ପଟୁଆରରେ ବାହାରି ଡେରା ସାହି ସ୍ଥିତ ଅସ୍ଥାୟୀ ମଣ୍ଡପକୁ ବିଜେ କରିଛନ୍ତି। ଡେରା ସମ୍ପ୍ରଦାୟର ସମସ୍ତ ମହିଳା ପୁରୁଷ ନୂତନ ବସ୍ତ୍ର ପରିଧାନ କରି ମା'ଙ୍କୁ ଆବାହନ କରି ବିଧିପୂର୍ବକ ପୂଜାର୍ଚ୍ଚନା କରିଥିଲେ। ଘଣ୍ଟ ଘଣ୍ଟା ମୃଦଙ୍ଗ ଶଙ୍ଖଧ୍ୱନି ସମେତ ବାଦ୍ୟଯନ୍ତ୍ରରେ ପ୍ରକମ୍ପିତ ହୋଇ ଉଠୁଥିଲା ମାଁଙ୍କ ବାପଘର। ଏପଟେ ଗୌରୀ ଆମ୍ମାଙ୍କ ମୃଣ୍ମୟୀ ପ୍ରତିମାକୁ ଦର୍ଶନ କରିବା ପାଇଁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଜନସମାଗମ ହୋଇଥିଲା। ମା'ଙ୍କ ବାପଘରୁ ଅସ୍ଥାୟୀ ମଣ୍ଡପକୁ ଯିବା ସମୟରେ ହରିବୋଲ ହୁଳହୁଳିରେ ପ୍ରକମ୍ପିତ ହୋଇ ଉଠୁଥିଲା। ସୁସଜ୍ଜିତ ଆଲୋକ ମାଳାରେ ଗୌରୀ ଆମ୍ମାଙ୍କ ଆସ୍ଥାନ ଝଟକୁଥିବା ବେଳେ ଡେରା ସମ୍ପ୍ରଦାୟର ଆମ୍ବିୟମାନେ ଗୌରୀ ଆମ୍ମାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଶ୍ରଦ୍ଧାର ସହ ମୁଣ୍ଡରେ ଧରି ପାଛୋଟି ନେଇଥିଲେ ଅସ୍ଥାୟୀ ମଣ୍ଡପକୁ। ଝୁଣା ଦୀପ ନୈବେଦ୍ୟରେ ମା'ଙ୍କ ଡେରା ସାହି ସ୍ଥିତ ଅସ୍ଥାୟୀ ମଣ୍ଡପ ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମା'ଙ୍କ ଏହି ପରମ୍ପରା ଜନିତ ଗଣପର୍ବ ବହୁ ବର୍ଷ ଧରି ଆଡ଼ମ୍ବର ସହକାରେ ପାଳିତ ହୋଇ ଆସୁଅଛି। ପ୍ରତି ପାଞ୍ଚବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ଯାତ୍ରାକୁ ନେଇ ସମସ୍ତ ପ୍ରଶାସନିକ ଅଧିକାରୀ ମଧ୍ୟ ତତ୍ପରତାର ସହ ନିଜର ଦାୟିତ୍ୱ ତୁଲାଉଛନ୍ତି। ମା'ଙ୍କ ବାପଘର ଏସ୍. ଚନ୍ଦ୍ରଲିଙ୍ଗମ୍ ଆଚାରୀଙ୍କ ପକ୍ଷରୁ ପୋଲସରା ସହରର ଦଶହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଗୌରୀ ଆମ୍ମା ଯାତ୍ରାରେ ଯେପରି କୌଣସି ବିଶୃଙ୍ଖଳା ସୃଷ୍ଟି ନହୁଏ ସେନେଇ ପୋଲସରା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ନିଜେ ପ୍ରତ୍ୟେକଟି ଘଟଣା ନିୟନ୍ତ୍ରଣ କରୁଛନ୍ତି। ପୋଲସରା ମୁଖ୍ୟ ସଡ଼କରେ ପ୍ରବଳ ଭିଡ଼ ସାଙ୍ଗକୁ ଟ୍ରାଫିକ ନିୟନ୍ତ୍ରଣକୁ ନେଇ ସ୍ଥାନୀୟ ପୋଲିସ ପ୍ରଶାସନ ସଜାଗ ରହିଛି।

### ଆକ୍ରମଣ, ପ୍ରତି ଆକ୍ରମଣରେ ଜଣେ ଗୁରୁତର

ଶେରଗଡ,୧୯।୧୦(ଡି.ଏନ.ଏ.)

ଶେରଗଡ ବ୍ଲକ ପଥରପୁଞ୍ଜି ଗ୍ରାମର ମନୋଜ କୁମାର ସ୍ୱାଇଁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ପରେ ଭୁବନେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପଥରପୁଞ୍ଜିର ଜିତେନ୍ଦ୍ର ବିଷୋୟୀ, ତ୍ରିଲୋଚନ ବିଷୋୟୀଙ୍କ ସହ କୌଣସି କଥାକୁ ନେଇ ଜିତେନ୍ଦ୍ର ଭୂୟାଁଙ୍କ ଯୁକ୍ତି ତର୍କ ହୋଇଥିଲା। ଏଥିପାଇଁ ତ୍ରିଲୋଚନ ଡେଙ୍ଗାପଦର ସମିତିସଭ୍ୟାଙ୍କ ସ୍ୱାମୀ ମନୋଜଙ୍କୁ ଖବର ଦେଇଥିଲେ। ମନୋଜ କେତେଜଣଙ୍କୁ ଧରି ଆସିବା ପରେ ପୁଣି ସେମାଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇ ପରେ ଠେଙ୍ଗାରେ ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିଲା।

# ବାଇକ୍ ଧକ୍କାରେ ବୃଦ୍ଧ ମୃତ, ଉତ୍ତେଜନା

**ଦିଗପହଣ୍ଡି,୧୯।୧୦(ଡି.ଏନ.ଏ.)**


ଉତ୍ତେଜିତ ଲୋକଙ୍କ ରାସ୍ତା ଅବରୋଧ ।

ଦିଗପହଣ୍ଡି ଥାନା ଅନ୍ତର୍ଗତ ସିଦ୍ଧେଶ୍ୱର ନୂଆ ସାହିରେ ଥିବା ପ୍ରାଥମିକ ସେବା ସମବାୟ ସମିତି ନିକଟରେ ବାଇକ୍ ଦୁର୍ଘଟଣାରେ ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିଦ୍ଧେଶ୍ୱର ନୂଆ ସାହିର ତ୍ରିନାଥ ଗୌଡ (୭୦)।

ସକାଳେ ତ୍ରିନାଥ ଗୌଡଙ୍କ ଘର ଆଗରେ ଥିବା ନଳକୂପକୁ ଆସି ହାତ ଧୋଇ ପୁଣି ଘରକୁ ଯାଉଥିବା ବେଳେ ସେହି ଗ୍ରାମର ଅମନ ପ୍ରଧାନ ଓ ଓମ୍ ପ୍ରଧାନ ଦୁଇଜଣ ଯୁବକ ଦ୍ରୁତ ଗତିରେ ବାଇକ୍ (ନଂ ଓଆର୍-୦୭କେ-୩୮୦୩) ଯୋଗେ ଗଣିଆନାଳ ଅଭିମୁଖେ ଯାଉଥିବା ବେଳେ ସିଦ୍ଧେଶ୍ୱର ପ୍ରାଥମିକ ସେବା କେନ୍ଦ୍ର ନିକଟରେ ତ୍ରିନାଥ ଗୌଡଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ବୃଦ୍ଧଙ୍କୁ ଉଦ୍ଧାରକରି ବ୍ରହ୍ମପୁର ବଡ ମେଡିକାଲ୍ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଉତ୍ତେଜିତ ଲୋକମାନେ ଗଣିଆନାଳ ଛକରେ ଏକଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ମଧ୍ୟ ଲୋକମାନେ ପୋଲିସ ଗାଡିକୁ ଛାଡିନଥିଲେ। ପରେ ବିଜେଡି ନେତା ସରୋଜ କୁମାର ଜେନା ପହଞ୍ଚି ଉତ୍ତେଜିତ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଏନେଇ ଦିଗପହଣ୍ଡି ଥାନା ମାମଲା ନଂ.୩୬୦/୨୨ ଅନୁଯାୟୀ ମାମଲା ରୁଜୁ କରିବା ସହ ଦୁର୍ଘଟଣା ଘଟାଇଥିବା ବାଇକ୍ ସହ ଦୁଇଜଣ ଛାତ୍ରଙ୍କୁ ଅଟକ ରଖି ଘଟଣାର ଅନୁସନ୍ଧାନ ଚଳେଇଛନ୍ତି ବୋଲି ଥାନା ଅଧିକାରୀ ଦିପ୍ତୀ ରଞ୍ଜନ ବେହେରା କହିଛନ୍ତି।

# ୭ ଦିନ ପରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

**ଆର.ଉଦୟଗିରି,୧୯।୧୦(ଡି.ଏନ.ଏ.)**

**ଓଡ଼ିଶା ମୋ ପରିବାର ସହାୟତା**

ମୋହନା ବ୍ଲକ ଅନ୍ତର୍ଗତ ଅଡବା ଥାନା ଅଧିନ ଖାରୀଗୁଡ଼ା ଗ୍ରାମ ପଞ୍ଚାୟତ ନିକଟସ୍ଥ ଚାଞ୍ଚଡାପଲ୍ଲୀ ଗ୍ରାମର ସୁନିଲ ରଇତ ପରିବାର ପ୍ରତିପୋଷଣ କରିବା ପାଇଁ ଦାଦନ ଖଟିବାକୁ ମହାରାଷ୍ଟ୍ରର ବମ୍ବେ ସହରକୁ ଯାଇଥିଲେ। ତାଙ୍କ ସହିତ ସେହି ଗ୍ରାମର ଆଉ କିଛି ଯୁବକ ଦାଦନ ଖଟିବାକୁ ଯାଇଥିଲେ। କୌଣସି କାରଣରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାହା ଏବେ ମଧ୍ୟ ଅସ୍ପଷ୍ଟ। ଏହି ଖବର ପରିବାର ଲୋକେ ଜାଣିବା ପରେ ଅଡବା ଜିଲା ପରିଷଦ ସଭ୍ୟା ତଥା ଜିଲା ପରିଷଦ ଉପାଧକ୍ଷା କୁନ୍ତଳା ମଲିକଙ୍କୁ ଜଣାଇବା ପରେ ଓଡିଶା ମୋ ପରିବାର ପକ୍ଷରୁ ସୁନିଲଙ୍କ ମୃତଦେହ ନିଜ ଗ୍ରାମ ଚାଞ୍ଚଡାପଲ୍ଲୀକୁ ଅଣାଯାଇଥିଲା। ଏହା ମଧ୍ୟରେ ୭ ଦିନ ବିଳମ୍ବ ଘଟିଥିଲା। ମୃତଦେହ ନିକଟରେ ବ୍ଲକ ଅଧକ୍ଷ ରଞ୍ଜିବ ଶବର, ଜିଲା ପରିଷଦ ଉପାଧକ୍ଷା କୁନ୍ତଳା ମଲ୍ଲିକ, ଖାରିଗୁଡା ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହି ଶୋକାକୁଳ ପରିବାରକୁ ସମବେଦନା ଜଣାଇଥିଲେ। ସରପଞ୍ଚ ତାଙ୍କ ପରିବାରଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଓ ବ୍ଲକ ଅଧକ୍ଷ ୧ ହଜାର ଟଙ୍କା ପ୍ରଦାନ କରିଥିଲେ। ପରିବାର ଲୋକ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଭାଜପାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ


ପଦଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

**ଛତ୍ରପୁର,୧୯।୧୦(ଡି.ଏନ୍.ଏ.)**

ଛତ୍ରପୁର ବ୍ଲକ ବଉଳଗାଁ ପଞ୍ଚାୟତରେ ଭାଜପା ପକ୍ଷରୁ ବୁଧବାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର କରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ବହୁ ନେତୃବୃନ୍ଦ ଓ ନିର୍ବାଚିତ ପ୍ରତିନିଧି ସାମିଲ ହୋଇଥିଲେ । କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ସମେତ ରାଜ୍ୟ ସରକାରଙ୍କ ଜନମାରଣ ନୀତି ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ବିଭୂତି ଭୂଷଣ ଜେନା, ରାଜ୍ୟ ସଭାପତି ଭୃଗୁ ବକ୍ସିପାତ୍ର, ସମ୍ପାଦକ ବସନ୍ତ କୁମାର ବେହେରା, ରମ୍ଭା ଏନଏସି ଅଧକ୍ଷା ମାନସୀ ସ୍ୱାଇଁ, କେ ଚନ୍ଦ୍ରଶେଖର ରେଡ୍ଡୀ, ଜିଲା ସାଧାରଣ ସମ୍ପାଦକ ଏନ୍.ରାଜେନ୍ଦ୍ର କୁମାର, ଜିଲା ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଣ୍ଡା, ଜିଲା ଲିଗାଲ ସେଲ୍ ଆବାହକ ପ୍ରଦୀପ କୁମାର ପାଢୀ, କୃଷ୍ଣ ଚନ୍ଦ୍ର ନାୟକଙ୍କ ସମେତ ବହୁ ମଣ୍ଡଳ ସଭାପତି, ସରପଞ୍ଚ, ସମିତିସଭ୍ୟ ସାମିଲ ହୋଇଥିଲେ । ଏହି ଅବସରରେ ଏକ ମିଶ୍ରଣ ପର୍ବ ହୋଇଥିଲା । ଏଥିରେ ପ୍ରଶାନ୍ତ ମୁଦୁଲି, ମଣ୍ଟୁ ମିଶ୍ର, ସବାସ ଦାସ ପ୍ରମୁଖ ବିଜେଡିର ନେତା ଭାଜପାରେ ସାମିଲ ହୋଇଥିଲେ ।

# ବିଭିନ୍ନ ସ୍ଥାନରେ ବିଜେଡିର ପଦଯାତ୍ରା

ଆସିକା/ଶେରଗଡ଼/ନୂଆଗଡ଼,୧୯।୧୦(ଡି.ଏନ.ଏ)



ନୂଆଗଡ଼ରେ ଜନ ସମ୍ପର୍କ ପଦଯାତ୍ରା।

ଆସିକା ବ୍ଲକ ମଙ୍ଗଳପୁର ପଞ୍ଚାୟତରେ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଏହି ପଞ୍ଚାୟତର ମଙ୍ଗଳପୁର ଓ ନବରତ୍ନପୁର ଗ୍ରାମରେ ପଦଯାତ୍ରା କରି ଜନସାଧାରଣଙ୍କୁ ନବୀନ ସରକାରଙ୍କ ଜନାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଆସିକା ନଗର ବିଜେଡି ସଭାପତି ସତ୍ୟନାରାୟଣ ସ୍ୱାଇଁ, ଜିଲାପରିଷଦ ସଦସ୍ୟ ମନୋଜ ଦୋରା, ଅନିମା ପରିଡା, ସରପଞ୍ଚ ଦେବରାଜ ନାୟକ, ସମିତିସଭ୍ୟା ଗାୟତ୍ରୀ ଆଚାର୍ଯ୍ୟଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ । ଶେରଗଡ଼ ବିଜେଡିର ଜନସମ୍ପର୍କ ପଦଯାତ୍ରା କୃଷ୍ଣଛାଇ ପଞ୍ଚାୟତର ବି.ବ୍ରହ୍ମପୁରରୁ ଆରମ୍ଭ ହୋଇ ଅଲାରିଗଡ଼ରେ ଶେଷ ହୋଇଛି। ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ, ହୀନ ବେହେରା, ଦିଗାମ୍ବର ନାହାକ, ଉଦୟ ନାଥ ପ୍ରଧାନ, ଦୁର୍ଗାପ୍ରସାଦ ବିଷୋୟୀ, ବରୁଣ ପଳେଇ, ଭୀମସେନ ଚୌଧୁରୀ, ଅବନୀ କୁମାର ଦାଶ, ଲକ୍ଷ୍ମୀନାରାୟନ ପାଣିଗ୍ରାହୀ ଯୋଗ ଦେଇଥିଲେ। ଗଜପତି ଜିଲା ନୂଆଗଡ଼ ବ୍ଲକ ସଭାପତି ଇନୋସ ରଇତଙ୍କ ନେତୃତ୍ୱରେ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ ପ୍ରଥମେ ବଡ଼ପଦା ଗ୍ରାମ ପଞ୍ଚାୟତ ସମ୍ମୁଖରୁ ବ୍ଲକର ଶତାଧିକ କର୍ମୀ ଏକତ୍ରିତ ହୋଇ ଏକ ବିଶାଳ ପଦଯାତ୍ରାରେ ବାହାରି ଖଜୁରୀପଦା ପୂର୍ତ୍ତ ଡାକବଙ୍ଗଳା ପର୍ଯ୍ୟନ୍ତ ଯାଇଥିଲେ। ବିଜେଡି ଜିଲା ସଭାପତି ପ୍ରଦୀପ ନାୟକ, ଜିଲା ପରିଷଦ ଅଧକ୍ଷ ଗାବରା ତୀରୁପତି ରାଓ, ଜିଲା ଏସଡିସି ଅଧକ୍ଷା ମରୀୟମ ରଇତ, ରାୟଗଡ଼ ବ୍ଲକ ଅଧକ୍ଷା ପୂର୍ଣ୍ଣବାସି ନାୟକ, ପୂର୍ବତନ ଏସଡିସି ଅଧକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଉଦୟଗିରି ବ୍ଲକ ଅଧକ୍ଷ ଜଗବନ୍ଧୁ ଦାସ, ବରିଷ୍ଠ ଲକ୍ଷ୍ମୀକାନ୍ତ ପରିଛା, ବରିଷ୍ଠି ନେତା ଜମାଦାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୦ ଅକ୍ଟୋବର, ୨୦୨୨



## ସଂକ୍ଷେପରେ

### କ୍ୟାମ୍ପସ୍ ୟୁନିଟ୍ ଗଠିତ



ଓଡ଼ଗାଁ,୧୯।୧୦(ସ୍ୱ.ପ୍ର.): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ନୟାଗଡ଼ ଜିଲା ତରଫରୁ ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟରେ ଚଳିତ ଶିକ୍ଷା ବର୍ଷ କ୍ୟାମ୍ପସ ୟୁନିଟ୍ ଗଠନ ହୋଇଛି । କ୍ୟାମ୍ପସ ୟୁନିଟ୍ ସଭାପତି ଭାବେ ଛାତ୍ରନେତା ରାହୁଲ ମହାରଣା, ଉପସଭାନେତ୍ରୀ ସୁମିତ୍ରା ସ୍ୱାଇଁ, ସମ୍ପାଦକ ରଘୁନାଥ ସାହୁ, ସହସମ୍ପାଦକ ବିଶ୍ୱଜିତ ଭୂୟାଁ, ଏସ୍ଏଫ୍ଏସ୍ ପ୍ରମୁଖ ଭାବେ ଲକ୍ଷ୍ମୀପ୍ରିୟା ବେହେରାଙ୍କୁ ଜିଲା ସଂଯୋଜକ ବୃନ୍ଦାବନ ପ୍ରଧାନ ଦାୟିତ୍ୱ ପ୍ରଦାନ କରିଛନ୍ତି ।

### ବ୍ରହ୍ମପୁର ପୋଲିସକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ବ୍ରହ୍ମପୁର ଅଫିସ,୧୯।୧୦- ବ୍ରହ୍ମପୁର ପୋଲିସର କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ବଡ଼ ଡାକ୍ତରଖାନାକୁ ଦଲାଲମୁକ୍ତ କରିବା ପାଇଁ ବ୍ରହ୍ମପୁର ପୋଲିସ ଅଭିନବ ଉପାୟ ଅବଲମ୍ବନ କରିଛି। ଏହାଦ୍ୱାରା ଦକ୍ଷିଣ ଓଡ଼ିଶାର ଏକମାତ୍ର ଭରସାଯୋଗ୍ୟ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ଉଚିତ ସେବା ପାଇବା ସହିତ ହଇରାଣ ହରକତ ହେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ମଙ୍ଗଳବାର ବ୍ରହ୍ମପୁର ଏସ୍‌ପି ଡା.ଶ୍ରବଣା ବିବେକ ଏମ୍.ଙ୍କ ନେତୃତ୍ୱରେ ଏକ ୧୫ଜଣିଆ ଟିମ୍ ରୋଗୀ ବେଶରେ ବଡ଼ ଡାକ୍ତରଖାନାରେ ଚଢ଼ାଉ କରିଥିଲେ। ପୋଲିସ ଟିମ୍ ବିଭିନ୍ନ ୱାର୍ଡରୁ ମୋଟ ୬ ଜଣ ଦଲାଲଙ୍କୁ ଠାବ କରିଥିଲା। ଏହି ଦଲାଲମାନେ ଗରିବ ରୋଗୀଙ୍କୁ କ୍ଲିନିକ୍ ଓ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ନେବାକୁ ବାଧ କରୁଥିଲେ। ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ସାଇବର ଅପରାଧ ମୁକାବିଲା ପାଇଁ ପ୍ରଶିକ୍ଷଣ

**ଏସ୍‌ପିଙ୍କ ଅପରାଧ ସମୀକ୍ଷା**

ବ୍ରହ୍ମପୁର ଅଫିସ,୧୯।୧୦: ବ୍ରହ୍ମପୁର ଏସ୍‌ପି. ଡ. ଶ୍ରବଣା ବିବେକ ଏମଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ବୈଠକରେ ଏସ୍‌ପି ବିଭିନ୍ନ ଥାନାରେ ବହୁଦିନ ଧରି ପଡ଼ି ରହିଥିବା ମାମଲାଗୁଡିକର ସମୀକ୍ଷା କରିଥିଲେ। ଏହାର ତଦନ୍ତ କରିବା ପାଇଁ ସେ ଥାନାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦରୁ ଆସିଥିବା ସାଇବର ପ୍ରଶିକ୍ଷକ ଦେବେନ୍ଦ୍ର ରେଡ୍ଡୀ ପ୍ରଶିକ୍ଷଣ ଦେଇଥିଲେ। ସାଇବର ଅପରାଧୀଙ୍କୁ କିଭଳି ଭାବେ ଟ୍ରାକ କରାଯାଇ ପାରିବ ସେ ଦିଗରେ କେତେକ ସୂଚନା ମଧ ସେ ଦେଇଥିଲେ। ସେହିଭଳି ଲୋକମାନଙ୍କୁ ଏଦିଗରେ କିପରି ସଚେତନ କରାଯାଇପାରିବ ସେନେଇ ମଧ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବରିଷ୍ଠ ପୋଲିସ ଅଧିକାରୀ ଓ ସମସ୍ତ ଥାନାଧିକାରୀ ଅଂଶଗ୍ରହଣ କରିଥିଲେ।

# ହିତାଧିକାରୀଙ୍କ ଆବାସ ଘର ଚୋରି

- ଲାଞ୍ଚ ନ ଦେବାରୁ ମିଳିଲା ନାହିଁ କାର୍ଯ୍ୟାଦେଶ
- ପ୍ରଶାସନ ଦେଲା ଆବାସ ଫଳକ
- ଯୋଜନାର ସ୍ୱଚ୍ଛତା ଉପରେ ଉଠିଲା ପ୍ରଶ୍ନ

ନୟାଗଡ଼ ଅଫିସ,୧୯।୧୦

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କୁମ୍ଭାରପଡ଼ା ପଞ୍ଚାୟତ କୁମ୍ଭାରପଡ଼ା ମଙ୍ଗଳାମନ୍ଦିର ନିକଟସ୍ଥ ଦଳିତସାହିରେ ଆବାସ ଯୋଜନା ଘର ଚୋରି ହୋଇଥିବା ଅଭିଯୋଗ ହୋଇଛି । ଲାଞ୍ଚ ନ ଦେବାରୁ ଜଣେ ହିତାଧିକାରୀଙ୍କୁ ଏହି ଯୋଜନାରେ ମିଳିଥିବା କାର୍ଯ୍ୟାଦେଶ ଅନ୍ୟ ଜଣଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗ ଉଠିଛି । ତେବେ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ହିତାଧିକାରୀଙ୍କୁ ଆବାସ ଯୋଜନାର ନାମ ଫଳକ ମିଳିବା ପରେ ଏହି ଦୁର୍ନୀତି ସାମ୍ନାକୁ ଆସିଛି । ଫଳକ ମିଳିବା ପରେ ହିତାଧିକାରୀ ଜିଲାପାଳ, ବିଡିଓଙ୍କୁ ଏ ସଂକ୍ରାନ୍ତରେ ଜଣାଇ ଥିଲେ ମଧ ସୁଫଳ ମିଳୁନି । ପ୍ରଶ୍ନ ଉଠୁଛି କାର୍ଯ୍ୟାଦେଶ ନ ଦେଇ କାହିଁକି ଆବାସ ଯୋଜନା ଫଳକ ଦିଆଗଲା । ଏହି ଅନିୟମିତତାର ତଦନ୍ତ ହେଉ ନ ଥିବାରୁ ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

କୁମ୍ଭାରପଡ଼ା ଦଳିତ ସାହିର ରୀନାରାଣୀ ନାୟକଙ୍କ ଅଭିଯୋଗ ଅନୁଯାୟୀ, ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ଜନ ପ୍ରତିନିଧି, ବିଡିଓ, ଜିଲାପାଳଙ୍କୁ ସେ ଗୁହାରୀ କରି ଆସୁଥିଲେ । ହେଲ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଲାଞ୍ଚ ନ ଦେବାରୁ ତାଙ୍କୁ ଘର ମିଳି ପାରି ନ ଥିଲା । ତାଙ୍କ ଦୁଃଖ ମଧ କେହି ଶୁଣି ନ ଥିଲେ ।



ପ୍ରଶାସନ ପକ୍ଷରୁ ମିଳିଥିବା ନାମ ଫଳକ ରୀନାରାଣୀ ଦେଖାଉଛନ୍ତି।

ହେଲେ ୨୦୨୧ ଆର୍ଥିକ ବର୍ଷରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନର କେତେଜଣ କର୍ମଚାରୀ ତାଙ୍କ ଘରକୁ ଆସି ଆବାସ ଯୋଜନାର ଏକ ଫଳକ ମାରିବା ପାଇଁ ରୀନାଙ୍କୁ କହିଥିଲେ । ରୀନା କହିଥିଲେ ଆମକୁ କାର୍ଯ୍ୟାଦେଶ ମିଳିନି, ଆମେ ଘର ପାଇନୁ । ଘର କରିନୁ ବୋଲି କିପରି ଫଳକ ମାରିବୁ । ହେଲେ ନାମ ଫଳକ ଲଗାଇବାକୁ ଆସିଥିବା କର୍ମଚାରୀମାନେ ରୀନାଙ୍କ କଥା ବୁଝି ପାରି ନ ଥିଲେ । ସେମାନଙ୍କ ଯୁକ୍ତି ଥିଲା ରୀନାରାଣୀଙ୍କ ନାମରେ ଆବାସ ଯୋଜନା କାର୍ଯ୍ୟାଦେଶ ମଞ୍ଜୁର ହୋଇଛି । ରୀନାରାଣୀ ଘର କରିଛନ୍ତି ବୋଲି ରିପୋର୍ଟ କହୁଛି । ହେଲେ ଘର ନ ଥିବାରୁ ନାମ ଫଳକ କେଉଁଠି ଲଗାଇବି ବୋଲି ରୀନାରାଣୀ ସେମାନଙ୍କୁ ପ୍ରଶ୍ନ କରି ଥିଲେ । ଏହା ପରେ ସେମାନେ ଫଳକ ଦେଇ ଚାଲି ଯାଇଥିଲେ । ରୀନାରାଣୀ ସେଦିନଠାରୁ ଫଳକ ଧରି ଘରେ ବସିଛନ୍ତି ।

ରୀନାରାଣୀଙ୍କ ଅଭିଯୋଗକୁ ଅନୁଧ୍ୟାନ କଲେ ଏହା ପଛରେ ଏକ ର୍ୟାକେଟ କାମ କରୁଥିଲା ପରି ଲାଗୁଛି । କାର୍ଯ୍ୟାଦେଶ ନ ଦେଇ, ଘର ନ ଥାଇ କାହିଁକି ବ୍ଲକ ପ୍ରଶାସନ ଆବାସ ଯୋଜନାର ଫଳକ ଧରାଇଲା । ପୁଣି ଫଳକରେ ନାମ, ଠିକଣା, କେଉଁ ବର୍ଷର କାର୍ଯ୍ୟାଦେଶ ତାଙ୍କୁ ମିଳିଛି ତାହା ଉଲ୍ଲେଖ ନାହିଁ । ତେବେ ଇନ୍ଦିରା ଆବାସ ଯୋଜନା/ବିଜୁ ପକ୍କାଘର ଯୋଜନା ଓ ଓଡିଶା ସରକାରଙ୍କ ଲୋଗୋ ରହିଛି । ତଥ୍ୟ ଥିଲେ ଏହି ଦୁର୍ନୀତିର ତଦନ୍ତ କରିବା ସୁବିଧା ହୋଇଥାନ୍ତା । ଅନ୍ୟପକ୍ଷେ ରୀନାରାଣୀଙ୍କ ଅଭିଯୋଗକୁ ପ୍ରଶାସନ ଅବହେଳା କରି ଚାଲିଥିବାରୁ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏନେଇ ଜିଲାପାଳ ରବୀନ୍ଦ୍ର ସାହୁ କୁହନ୍ତି, ମୁଁ ବୁଧବାର କାର୍ଯ୍ୟରେ ଯୋଗ ଦେଇଛି । ତେବେ ଘଟଣାର ତଦନ୍ତ କରି ହିତାଧିକାରୀ ନ୍ୟାୟ ପାଇବାକୁ ଗୁରୁତ୍ୱ ଦେବି । ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟଙ୍କ ପ୍ରତିକ୍ରିୟା ନେବାକୁ ତାଙ୍କ ସହିତ ଫୋନରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ୍ ଉଠାଇ ନ ଥିଲେ। ଜିଲା ପରିଷଦ ଚେୟାରମ୍ୟାନ ଦେବାଶିଷ ପଟ୍ଟନାୟକ କହିଛନ୍ତି, ଆବାସ ଯୋଜନାରେ ଦୁର୍ନୀତି ହୋଇଛି କି ନାହିଁ ତଦନ୍ତ ପରେ ଜଣାପଡିବ । ମୁଁ ନିଜେ କୁମ୍ଭାରପଡ଼ା ଦଳିତସାହିକୁ ଯାଇ ଘଟଣାର ତଦନ୍ତ କରିବି । ତଦନ୍ତ ପରେ ଅଭିଯୋଗର ସତ୍ୟାସତ୍ୟ ଜଣାପଡିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଥିଲେ ।

### ଟ୍ରାକ୍ଟର ଧକ୍କାରେ ଶ୍ରମିକ ମୃତ

ଓଡ଼ଗାଁ,୧୯।୧୦(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ ଘଷାଦେଇପୁର ନିକଟ ମୁଗୁନୀ ପଥର ଖଣି ତଥା କ୍ରସର ନିକଟରେ ଜଣେ ଶ୍ରମିକଙ୍କ ଟ୍ରାକ୍ଟର ଧକ୍କାରେ ମୃତ୍ୟୁ ଘଟିଛି । ମୃତକ ହେଲେ ନନ୍ଦିଘୋର ଗ୍ରାମର ସଞ୍ଜୟ ଦଳେଇ (୩୧) । ବୁଧବାର ସକାଳେ ସଞ୍ଜୟ କ୍ରସର ରାସ୍ତାପାର୍ଶ୍ୱରେ ପରିଶ୍ରା କରୁଥିଲେ । ଏହି ସମୟରେ ଏକ ଟ୍ରାକ୍ଟର(ନଂ.ଓଡି୨୫କେ ୦୩୪୦) ଭାରାସାମ୍ୟ ହରାଇ ସଞ୍ଜୟଙ୍କୁ ଧକ୍କା ଦେବାରୁ ତାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ଏନେଇ ମୃତକ ସମ୍ପର୍କୀୟ ଭାଇ ବିରେନ୍ଦ୍ର ଦଳେଇ ଥାନାରେ ଅଭିଯୋଗ କରିଛନ୍ତି । ପ୍ରାୟ ୩ ଘଣ୍ଟା ପରେ ଅଗ୍ନିଶମବାହିନୀ ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ସଞ୍ଜୟଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷେ ମୃତକ ହିଁ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରରେ ଶ୍ରମିକଭାବେ କାମ କରୁଥିଲେ ବୋଲି ଅଭିଯୋଗକାରୀ କହିଛନ୍ତି । ପୋଲିସ ଏକ ମାମଲା (ନଂ.୧୬୧/୨୦୨୨) ରୁଜୁ କରିବା ସହିତ ବ୍ୟବଚ୍ଛେଦ କରାଇବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଦୁର୍ଘଟଣା ଘଟାଇଥିବା ଚାଳକ କିମ୍ବା ଟ୍ରାକ୍ଟରର କୌଣସି ପତ୍ତା ମିଳିନାହିଁ ବୋଲି ପୋଲିସ କହିଛି ।

# ନୟାଗଡ଼ରେ ଜନସମ୍ପର୍କ ପଦଯାତ୍ରା



ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ଓ ଅନ୍ୟମାନେ।

ନୟାଗଡ ଅଫିସ,୧୯।୧୦

ନୟାଗଡ଼ ନିର୍ବାଚନମଣ୍ଡଳୀରେ ବିଜେଡି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ପଦଯାତ୍ରା ବିଜେଡି ଜିଲା କାର୍ଯ୍ୟାଳୟଠାରୁ ବାହାରି ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟସ୍ଥ ଶାଳଭଞ୍ଜ ଆମ୍ବତୋଟାଠାରେ ପହଞ୍ଚିଥିଲା । ପଦଯାତ୍ରାରେ ନୟାଗଡ଼ ବ୍ଲକର ୨୯ ପଞ୍ଚାୟତ ଏବଂ ନୟାଗଡ଼ ପୌରାଞ୍ଚଳର ୧୩ ୱାର୍ଡର କର୍ମୀମାନେ ଯୋଗ ଦେଇଥିଲେ । ଶାଳଭଞ୍ଜ ଆମ୍ବତୋଟାଠାରେ ଆୟୋଜିତ ସଭାରେ ନୟାଗଡ଼ ବିଧାୟକ ଅରୁଣ ସାହୁ ଅଧ୍ୟକ୍ଷତା କରିଥିଲେ । ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଦୁଇ ପର୍ଯ୍ୟବେକ୍ଷକ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ପଦ୍ମନାଭ ବେହେରା, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ମୁନିସିପାଲିଟି ଚେୟାରମ୍ୟାନ ନିରୂପମା ଖଟେଇ, ବ୍ଲକ ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ସଫଳତା ବଖାଣିଥିଲେ । ଦଳୀୟ କର୍ମୀ ଗାଁ ଗାଁ ବୁଲି ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇବା ପାଇଁ ଆହ୍ୱାନ କରାଯାଇଥିଲା ।

ଏ ସଂକ୍ରାନ୍ତରେ କଂଗ୍ରେସ କମିଟି ସଭାପତି ରଣଜିତ୍ ଦାଶ କହିଛନ୍ତି, ନିଜସ୍ୱ ପତିଆରା ଦେଖାଇବା ପାଇଁ ଏହି ସମାବେଶର ଆୟୋଜନ କରାଯାଇଥିଲା । ଏଥିରେ କୌଣସି ନୂତନତା ନାହିଁ। ୨୨ ବର୍ଷ ବିଜେଡି ଶାସନ ପରେ ମଧ ବିଧାୟକଙ୍କ ଜନସମ୍ପର୍କ ଯାତ୍ରା ପାଇଁ ଦଳୀୟ କର୍ମୀମାନେ ଆସୁ ନାହାନ୍ତି । ସେମାନଙ୍କୁ ବିଭିନ୍ନ ଗାଡ଼ିରେ ବୁହା ହୋଇ ଅଣାଯାଉଛି ।

### ଚେନ୍ ଲୁଟ୍ ଘଟଣା, ୩ ଅଭିଯୁକ୍ତ ଜେଲ ଗଲେ

ନୂଆଗାଁ,୧୯।୧୦(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ଡାକଦେଇପୁରଠାରେ ଗାତେରୀ ନାଏବ ସରପଞ୍ଚଙ୍କଠାରୁ ଶନିବାର ସନ୍ଧ୍ୟାରେ ସୁନା ଚେନ୍ ଲୁଟ୍ ହୋଇଥିଲା । ଏହି ଘଟଣାରେ ପୋଲିସ ରବିବାର ୨ଜଣଙ୍କୁ ଗିରଫ ହୋଇ କୋର୍ଟ ଚାଲଣ କରିଥିଲା। ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ ବୁଧବାର ନୂଆଗାଁ ଥାନା ପୋଲିସ ଗିରଫ କରି କୋର୍ଟ ଚାଲଣ କରିଛି । ସେମାନେ ହେଲେ କଟକ ଜିଲାର ବିଶାଳ ସୁବୁଦ୍ଧି ,ପ୍ରଭାକର ଜେନା ଓ ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅଧୀନ ଝାଡସାହି ଗ୍ରାମର ସୁରେନ୍ଦ୍ର ନାଏକ । ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ସୂଚନା ଅନୁଯାୟୀ, ଗାତେରି ପଞ୍ଚାୟତର ନାଏବ ସରପଞ୍ଚ ପ୍ରଶାନ୍ତ ଗନ୍ତାୟତ ଓ ମନ୍ମଥ ସାମଲ ଶନିବାର ସନ୍ଧ୍ୟାରେ ବାଇକ୍‌ରେ ମହିପୁର ଅଭିମୁଖେ ଯାଉଥିଲେ । ୨ ଯୁବକ ବାଇକ୍‌ରେ ସେମାନଙ୍କ ପିଛା କରି ଡାକଦେଇପୁରଠାରେ ପ୍ରଶାନ୍ତଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଫେରାର ହୋଇଯାଇଥିଲେ । ପଛରେ ଅନ୍ୟ ଏକ ବାଇକରେ ଆସୁଥିବା ୩ ଯୁବକ ଲୁଟେରାଦ୍ୱୟଙ୍କୁ ଖସି ଯିବାରେ ସହଯୋଗ କରିଥିଲେ । ପ୍ରଶାନ୍ତ ଏ ସଂକ୍ରାନ୍ତରେ ମହିପୁର ଲୋକଙ୍କୁ ଖବର ଦେବାରେ ସେମାନେ ଲୁଟେରାମାନଙ୍କୁ କାବୁ କରି ନେଇଥିଲେ।

### ଲୋକାଭିମୁଖୀ ହେବ ସରକାରୀ ଯୋଜନା

- ନୂଆ ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ
- ବ୍ରାଉନସୁଗାର କାରବାରରେ ଲାଗିବ ଲଗାମ

ନୟାଗଡ଼ ଅଫିସ,୧୯।୧୦

ବୁଧବାର ପୂର୍ବାହ୍ନରେ ନୂଆ ଜିଲାପାଳ ଭାବେ ରବିନ୍ଦ୍ର ନାଥ ସାହୁ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ସେ ବାଲୁଗାଁ ଓ ମାଛିପଡା ୫-ଟି ସ୍କୁଲ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି । ଅନ୍ୟପକ୍ଷେ ଜିଲାରେ ବଢ଼ି ଚାଲିଥିବା ବ୍ରାଉନସୁଗାର କାରବାରକୁ ଲଗାମ ଦେବେ ବୋଲି କହିଛନ୍ତି । ସରକାରୀ ଯୋଜନାଗୁଡିକ ଯେପରି ଲୋକାଭିମୁଖୀ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବବୋଲି ଜିଲାପାଳ ପ୍ରକାଶ କରିଛନ୍ତି । ବୁଧବାର ପୂର୍ବାହ୍ନ ୧୦ଟା ସମୟରେ ଜିଲାପାଳ ନୟାଗଡ଼ ସର୍କିଟ୍ ହାଉସରେ ପହଞ୍ଚି ଥିଲେ । ସେଠାରେ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀମାନେ ନୂତନ ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପରେ ବିଦାୟୀ ଜିଲାପାଳ ପୋମା ଟୁଡୁଙ୍କଠାରୁ ଆନୁଷ୍ଠାନିକ ଭାବେ ସେ ଦାୟିତ୍ୱ ଗ୍ରହଣ କରିଥିଲେ । ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଜିଲା ପରିଷଦର ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଜିଲା ଜରୁରୀକାଳୀନ ଅଧିକାରୀ ଦିଲ୍ଲୀପ କୁମାର ଜେନା, ସମସ୍ତ ଡେପୁଟୀ କଲେକ୍ଟର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଅପରାହ୍ନରେ ଜିଲାପାଳ ମାଛିପଡ଼ା ଓ ବାଲୁଗାଁ ୫-ଟି ସ୍କୁଲ ପରିଦର୍ଶନ ଓ ସମୀକ୍ଷା କରିଥିଲେ । ଜିଲା ପରିଷଦର ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ନୟାଗଡ଼ ବିଡିଓ ପଦ୍ମଚରଣ ସାହୁ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରତୀକ୍ଷା ପୁହାନ ପ୍ରମୁଖ ଜିଲାପାଳଙ୍କ ସହ ସାମିଲ ହୋଇଥିଲେ । ସନ୍ଧ୍ୟାରେ ବିଦାୟୀ ଜିଲାପାଳ ଟୁଡୁଙ୍କୁ ବିଦାୟ ସମ୍ବର୍ଦ୍ଧନା ଏବଂ ନୂତନ ଜିଲାପାଳ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ବୈଠକ ଜିଲା ପରିଷଦ ସୃଜନ ସଭାଗୃହରେ ଅନୁଷ୍ଠିତ କରାଯାଇଥିଲା ।



ଦାୟିତ୍ୱ ଗ୍ରହଣ କରିବା ପରେ ଜିଲାପାଳ ୫-ଟି ସ୍କୁଲ ପରିଦର୍ଶନ କରୁଛନ୍ତି।

# ଓଡ଼ିଶା କୃଷକ ସଭା ସମ୍ମିଳନୀ

ନୟାଗଡ଼ ଅଫିସ,୧୯।୧୦

ଓଡ଼ିଶା କୃଷକ ସଭା ନୟାଗଡ଼ ଜିଲା ସମ୍ମିଳନୀ ଶରଣକୁଳ ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡ଼ାକ ବଙ୍ଗଳାଠାରୁ କୃଷକମାନେ ଏକ ଶୋଭାଯାତ୍ରାରେ ଯାଇ ବାପୁଜୀ କ୍ଲବଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗ ଦେଇଥିଲେ । ଉକ୍ତ ସଭାରେ ଓଡ଼ିଶା କୃଷକ ସଭାର ରାଜ୍ୟ ଉପ ସଭାପତି ଅଭିରାମ ବେହେରା, ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଅଭ୍ୟର୍ଥନା କମିଟିର ସଭାପତି ଗୋଲକ ବିହାରୀ ମୁଦୁଲି , ସମ୍ପାଦକ ପବିତ୍ର କୁମାର ଇନ୍ଦ୍ରଜିତ ଏବଂ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର ପ୍ରମୁଖ ଯୋଗଦେଇ କୃଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସମାବେଶ ଦୁଇ ଦିନ ଧରି ଚାଲୁ ରହିବ ।




ଚାଷୀ ସମାବେଶରେ ମଞ୍ଚାସୀନ ଅତିଥି।

# ତଦନ୍ତ କରିବେ ଲୋକାଯୁକ୍ତ ନିର୍ଦ୍ଦେଶକ

**ଭାଡିକିଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଫଲସ୍ ବିଲ୍ ପ୍ରସଙ୍ଗ**

- ଡିସେମ୍ବର ୫ରେ ଦେବେ ରିପୋର୍ଟ

ନୟାଗଡ଼ ଅଫିସ,୧୯।୧୦

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନ୍‌ଆରଇଜିଏସ୍)ରେ ନୟାଗଡ଼ ଜିଲାର ଓଡ଼ଗାଁ ବ୍ଲକ ଭାଡିକିଲାରେ ହୋଇଥିବା ଅନିୟମିତତା ମାମଲାର ସେପ୍ଟେମ୍ବର ୨୮ରେ ଶୁଣାଣୀ ହୋଇଥିଲା । ଏହି ଦୁର୍ନୀତିର ତଦନ୍ତ କରିବାକୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି । ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ ଏହାର ତଦନ୍ତ କରି ଡିସେମ୍ବର ୫ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ କହିଛନ୍ତି । ଅଭିଯୋଗ ଅନୁଯାୟୀ, ଭାପୁର ବ୍ଲକରେ ୮୦ ଲକ୍ଷ ଟଙ୍କାର ଫଲସ୍ ବିଲ୍ ଲୋକ ଲୋଚନରୁ ଲିଭି ନ ଥିବାବେଳେ ଓଡ଼ଗାଁ ବ୍ଲକ୍‌ରେ ଏମଜିଏନ୍‌ଆରଇଜିଏସ୍‌ରେ ୫୦ ଲକ୍ଷ ଟଙ୍କାର ଫଲସ୍ ବିଲ୍ ଲୋକଲୋଚନକୁ ଆସିଥିଲା । ଏନେଇ କେବଳ ଧରିତ୍ରୀରେ ସେପ୍ଟେମ୍ବର ୨୫ରେ ଖବର ପ୍ରକାଶ ପାଇଥିଲା । ୨୦୧୯-୨୦, ୨୦୨୦-୨୧ରେ ଆର୍ଥିକ ବର୍ଷରେ ଭାଡିକିଲା ପଞ୍ଚାୟତର କେତେକ ସ୍ଥାନରେ ୧୦ରୁ ୨୦ ହଜାର ଟଙ୍କାର କାମ ହୋଇଥିବାବେଳେ ଆଉ କେତେକ ସ୍ଥାନରେ ଆଦୌ କାମ ନ କରି ଫଲସ୍ ବିଲ୍ ହୋଇଥିଲା । ଭିନ୍ନକ୍ଷମ, ବୃଦ୍ଧ, ରୋଗିଣା ଲୋକଙ୍କ ନାମରେ ମଷ୍ଟର ରୋଲରେ କାମ କରୁଥିବା ଦର୍ଶାଯାଇଥିଲା। ବାଲିଗାଡିଆ ଟ୍ୟାଙ୍କ ୯ ଲକ୍ଷ ୭୦ହଜାର ଟଙ୍କା, ନୂଆ ଗୋଡିପୋଖରୀ ୭ଲକ୍ଷ ଟଙ୍କା, ଗୁଣ୍ଡୁରୀବାରିଠାରୁ ପଡିଆ ଭଙ୍ଗା ମାଟି ରାସ୍ତା ପାଇଁ ୫ଲକ୍ଷ ଟଙ୍କା, ପମ୍ପ ହାଉସଠାରୁ ପଡିଆ ଭଙ୍ଗା ୫ଲକ୍ଷ ଟଙ୍କା, ଭାଡିକିଲାଠାରୁ ଜୋକଗାଡିଆ ରାସ୍ତା ୫ଲକ୍ଷ, ଭାଡିକିଲାଠାରୁ ଗୁଣ୍ଡୁରିବାରି ୫ଲକ୍ଷ, ଭାଡିକିଲା ରଞ୍ଜନା ଖେଳ ପଡିଆ ୫ଲକ୍ଷ ଟଙ୍କାର କାମ ହୋଇଥିବା ଜଣାପଡିଥିଲା । କାମ ନ ହୋଇ ଅଧିକାଂଶ ସ୍ଥାନରେ ଫଳକ ମରାଯିବା ପରେ ଦୁର୍ନୀତି ପଦାକୁ ଆସିଥିଲା । ଆରଟିଆଇରେ ତଥ୍ୟ ମିଳିବା ପରେ ଫଲସ୍ ବିଲ ଜଣାପଡିଥିଲା । ଏନେଇ ଭାଡିକିଲାର ଶରତ କୁମାର ପ୍ରଧାନ ଲୋକାୟୁକ୍ତରେ ଫେରାଦ୍ ହୋଇଥିଲେ । ଏହି ଦୁର୍ନୀତିରେ ଜିଆରଏସ୍, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ଓଡ଼ଗାଁ ବିଡିଓ ସାମିଲ ଥିବା ତଥ୍ୟଭିତ୍ତିକ ଦସ୍ତାବିଜ ଦାଖଲ କରାଯାଇଥିଲା । ଏହାର ତଦନ୍ତ ଭିଜିଲାନ୍ସ ବୈଷୟିକ ଟିମ୍ ଦ୍ୱାରା କରି ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଯୋଗକାରୀଙ୍କ ଆଇନଜୀବୀ ରଣଜିତ ଦାଶ ଯୁକ୍ତି ଦର୍ଶାଇଥିଲେ । ଏନେଇ ଲୋକାୟୁକ୍ତରେ ୧୬୫/୨୦୨ରେ ମାମଲା ହୋଇଥିଲା ।



ମଷ୍ଟରରୋଲରେ ନାମ ଥିବା ଶ୍ରମିକ।